୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.253 Bhubaneswar Wednesday November 20 2024 | ୨୬ତମ ବର୍ଷ ସଂଖ୍ୟା–୨୫୩ ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୦, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ମିସାଇଲ ମାଡ ପରେ ଘାରିଲା ପରମାଣୁ ଯୁଦ୍ଧ ଭୟ



ଭୁବନେଶ୍ୱର,୧୯।୧୧(ପି.ଏନ):ପୂରା ୟୁରୋପ ଓ ବିଶ୍ୱକୁ ଘାରିଛି ପରମାଣୁ ଯୁଦ୍ଧର ଭୟ। ରୁଷ-ୟୁକ୍ରେନ ଯୁଦ୍ଧ ଯେକୌଣସି ମୁହୂର୍ତ୍ତରେ ସବୁଠାରୁ ଭୟଙ୍କ ରୂପ ନେଇପାରେ। ରୁଷର ପରମାଣୁ ହମଲା ଧମକ ସତ୍ତ୍ୱେ ୟୁକ୍ରେନ ପକ୍ଷରୁ ଆମେରିକା ନିର୍ମିତ ୬ଟି ଲଙ୍ଗ ରେଞ୍ଜ ମିସାଇଲ ମସ୍କୋ? ଉପରେ ମାଡ କରାଯାଇଛି।ଅବଶ୍ୟ ରୁଷ ଏହା ମଧ୍ୟରୁ ୫ଟି ଆକାଶ ପଥରେ ଖସାଇ ଦେଇଥିବା ବେଳେ ଗୋଟିଏକୁ ଧ୍ୱଂସ କରିଦେଇଛି। ଏହି ମିସାଇଲ ଧ୍ୱଂସ ହୋଇ ତଳେ ପଡିବାରୁ କିଛି ସ୍ଥାନରେ ଛୋଟ ଧରଣର ଅଗ୍ନିକାଣ୍ଡ ଘଟିଛି। ହେଲେ ରୁଷର ସେମିତି କୌଣସି କ୍ଷୟକ୍ଷତି ହୋଇନାହିଁ।କିନ୍ତୁ ୧୦୦୦ ଦିନର ଯୁଦ୍ଧ ମଧ୍ୟରେ ୟୁକ୍ରେନ ପ୍ରଥମଥର ଆମେରିକା ନିର୍ମିତ ମିସାଇଲ ବ୍ୟବହାର କରିଥିବାରୁ ଚିହିଁକି ଉଠିଛି ରୁଷ। ତେଣୁ ରୁଷ ଯେକୌଣସି ମୁହୂର୍ତ୍ତରେ ୟୁକ୍ରେନ ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡିକ ଉପରେ ଆକ୍ରମଣ କରିବାର ଆଶଙ୍କା ପ୍ରକାଶ ପାଇଛି।

## ଥରୁଛି ଘୁ.ଉଦୟଗିରି: ସଞ୍ଜ ନଇଁଲେ ନିଆଁ ପାଖରେ ଜମୁଛି ଲୋକଙ୍କ ଭିଡ଼

ଘୁ.ଉଦୟଗିରି,୧୯।୧୧(ପି.ଏନ): ସ୍ଥାନୀୟ ଅଞ୍ଚଳ ସମେତ ଟିକାବାଲି, ରାଇକିଆ, ସାରଂଗଡ଼ ପ୍ରଭୃତି ଅଞ୍ଚଳରେ ଦିନକୁ ଦିନ ତାପମାତ୍ରା କମିବାରେ ଲାଗିଛି। ଗତ ୪ ଦିନ ଭିତରେ ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା ଘୁ.ଉଦୟଗିରିର ତାପମାତ୍ରା ୯ ଡିଗ୍ରିରୁ ଆଜି ୬.୬ ଡିଗ୍ରିକୁ ଖସି ଆସିଛି। ସହର ଅପେକ୍ଷା ଦୁର୍ଗମ ପାହାଡ଼ ପର୍ବତ ଜଙ୍ଗଲ ଘେରା ଅଞ୍ଚଳରେ ୬ଡିଗ୍ରି ତଳକୁ ପାରଦ ଖସି ରହୁଥିବା ଜଣାପଡିଛି। ଚଳିତ ବର୍ଷ ବିଳମ୍ବରେ ଶୀତ ଆରମ୍ଭ ହୋଇଥିବା ବେଳେ ହଠାତ ପାରଦ କମିବା ଯୋଗୁଁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଲୋକମାନେ ଦିନରେ ସୂର୍ଯ୍ୟଙ୍କ କିରଣକୁ ଭରସା କରୁଥିବା ବେଳେ ସନ୍ଧ୍ୟା ହେଲେ ନିଆଁ ଚାରିପାଖରେ ବସୁଥିବା ପରିଲକ୍ଷତ ହେଉଛି। ଗରିବ ଲୋକ ଥଣ୍ଡା ପାଇଁ ଡହଳବିକଳ ହେଲେଣି। ଝାଟିମାଟି ଘରେ ଜୀବନ ବିତାଉଥିବା ପରିବାର ରାତିସାରା ନିଆଁ ଲଗେଇ ଶୋଉଥିବା ବେଳେ ସ୍ଥାନୀୟ ସହରରେ ବସଷ୍ଟାଣ୍ଡ ନଥିବା ଏବଂ ସହରରେ କୌଣସି ସ୍ଥାନରେ ଯାତ୍ରୀ ବିଶ୍ରାମ ଗୃହ ନଥିବା ଯୋଗୁଁ ବସ ଯାତ୍ରୀମାନେ ରାତିସାରା ବସ୍ ?କୁ ଅପେକ୍ଷା କରିବା ନିମନ୍ତେ କାହା ବାରଣ୍ଡାରେ ବସୁଥିବା ବେଳେ କିଛି ଲୋକେ ଛକଗୁଡିକରେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳିଛି।

## ଅଫିସ୍‌ରେ ପଶି ଅତିରିକ୍ତ ତହସିଲଦାରଙ୍କୁ ଟଣାଓଟରା କଲେ ମହିଳା

ଭୁବନେଶ୍ୱର,୧୯।୧୧(ପିଏନ):ଅତିରିକ୍ତ ତହସିଲଦାରଙ୍କ ଅଫିସ୍‌ରେ ପଶିଲେ ଗାଁର ଶତାଧିକ ମହିଳା। ପରେ ଯୁକ୍ତିତର୍କ କଲେ ଓ ଅତିରିକ୍ତ ତହସିଲଦାରଙ୍କ ସାର୍ଟ କଲର ଧରି ଟଣାଓଟରା କଲେ। ମହିଳାଙ୍କ ଏପରି ହଙ୍ଗାମା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ଦେଓଗାଁ ତହସିଲ୍ ଅଫିସ୍‌ରେ। ସତିଘାତ ଗାଁର ବିକେଶ ମେହେରଙ୍କର ଚାକିରି ହୋଇଥିଲା। ସେ ସିଆର୍‌ପିଏଫ୍‌ରେ ଚାକିରି ପାଇଥିଲେ। ନଭେମ୍ବର ୭ ତାରିଖରେ ବିକେଶଙ୍କ ଡକ୍ୟୁମେଣ୍ଟ ଭେରିଫିକେସନ୍ ଥିଲା।

## କ୍ୟାପିଟାଲ ହସ୍ପିଟାଲ ଡାଏଲୋସିସ ସିଟିଂକୁ ୩ରୁ ବଢାଇ ୪ କରାଯିବ: ଭୁବନେଶ୍ୱର ସାଂସଦ




ଭୁବନେଶ୍ୱର,୧୯।୧୧(ପି.ଏନ): କ୍ୟାପିଟାଲ ହସ୍ପିଟାଲ ଉପରେ ରାଜଧାନୀର ଲୋକଙ୍କ ସହ ଆଖପାଖ ଜିଲ୍ଲା ନିର୍ଭରଶୀଳ । କଟକ ଏସସିବି ହସ୍ପିଟାଲ ପରେ ପରେ ଆସୁଛି କ୍ୟାପିଟାଲ ହସ୍ପିଟାଲର ବିଶ୍ୱସନୀୟତା । ଏହି ହସ୍ପିଟାଲ ସବୁ ସମୟରେ ରୋଗୀଙ୍କୁ ନେଇ ଭରାପଡିଥାଏ । ତେବେ ଗୁରୁତର ରୋଗୀ ଅଧିକ ହେଲେ ସେମାନଙ୍କୁ ବାଧ୍ୟ ହୋଇ କଟକ ବଡ ମେଡିକାଲକୁ ପଠାଯାଏ । ଏହାକୁ ନେଇ ଏକ ବଡ ପଦକ୍ଷେପ ନିଆହେବାକୁ ଯାଉଛି । କ୍ୟାପିଟାଲ ହସ୍ପିଟାଲର ଆଇସିୟୁ ବେଡ ସଂଖ୍ୟାକୁ ବଢାଯିବ । ଏହାକୁ ୪୦ କରିବାକୁ ନିଷ୍ପତ୍ତି ହୋଇଛି ।କ୍ୟାପିଟାଲ ହସ୍ପିଟାଲ ରୋଗୀ କଲ୍ୟାଣ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମିତିର ଅଧ୍ୟକ୍ଷା ହେଉଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ । ବୈଠକର ନିଷ୍ପତ୍ତିକୁ ନେଇ ଅପରାଜିତା କହିଛନ୍ତି କି ଖୁବଶୀଘ୍ର ହସ୍ପିଟାଲର ଆଇସିୟୁ ବେଡ ସଂଖ୍ୟାକୁ ୪୦ କରାଯିବ । ବର୍ତ୍ତମାନ ହସ୍ପିଟାଲର ବେଡ ସଂଖ୍ୟା ୧୬ ରହିଛି ।ସେହିପରି ଏହି ହସ୍ପିଟାଲକୁ ବହୁ ଡାଏଲେସିସ ରୋଗୀ ଆସୁଛନ୍ତି । ପ୍ରତି ମାସରେ ହସ୍ପିଟାଲକୁ ୧୪୩୨ ଡାଏଲୋସିସ କେସ ଆସୁଛି, ଯାହାକୁ ତିନୋଟି ସିଟିଂରେ କରାଯାଉଛି। ତେବେ ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ଡାଏଲୋସିସ ସିଟିଂକୁ ୩ରୁ ବଢାଇ ଚାରି କରାଯିବ ବୋଲି କହିଛନ୍ତି ସାଂସଦ । ଏହି ସବୁ କାମକୁ ଖୁବ ଶୀଘ୍ର କରାଯିବ ।

## ଆସନ୍ତା ୨୬ରୁ ବିଧାନସଭାର ଶୀତକାଳୀନ ଅଧିବେଶନ, ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକତାରେ ହେବ ବୈଠକ

ଭୁବନେଶ୍ୱର,୧୯।୧୧(ପି.ଏନ):: ଆସନ୍ତା ନଭେମ୍ବର ୨୬ ତାରିଖଠାରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ଆସନ୍ତା ୨୫ ତାରିଖରେ ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବା ନେଇ ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ।ଏହି ଅଧିବେଶନକୁ ସୁରୁଖୁରୁରେ ପରିଚାଳନା ଲାଗି ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିବେ । ଉଭୟ ବିରୋଧୀ ଓ ଶାସକ ମୁହାଁମୁହିଁ ହୋଇପାରନ୍ତି । ତେଣୁ ଏଥର ଅଧିବେଶନ ସରଗରମ ହେବାର ସମ୍ଭାବନା ରହିଛି ।



## ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଲେ ଗଞ୍ଜାମର କୁନି ପ୍ରତିଭା

କଳାହାଣ୍ଡି,୧୯।୧୧(ପି.ଏନ): ପ୍ରତିଭା ସାମ୍ନାରେ ହାର ମାନିଲା ବୟସ । ଯେଉଁ ବୟସରେ ଖେଳିବା କଥା ସେହି ବୟସରେ ନିଜ ପ୍ରତିଭାର ଚମକ ଦେଖାଇ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ଉଦାହରଣ । ବୟସ ମାତ୍ର ୪ କିନ୍ତୁ ବିଚକ୍ଷଣ ସ୍ମରଣ ଶକ୍ତି । ଆପଣମାନେ ତାଙ୍କ ପାଟିରୁ କଥା ଶୁଣିଲେ ଚକିତ ହୋଇଯିବେ । ମୁଖରେ ଅନର୍ଗଳ ମନ୍ତ୍ର, ଶୋକ୍ଲ, ଜାତୀୟ ସଙ୍ଗୀତ ଗାଉଛନ୍ତି ସିଦ୍ଧେଶ୍ୱରୀ । ଏତେ କମ ବୟସରେ ଦେଶ ବିଦେଶର ସାଧାରଣ ଜ୍ଞାନ ମନେ ରଖିବା ସହିତ ଜିଲ୍ଲା ଗୁଡିକର ନାମ, ରାଜ୍ୟ ରାଜଧାନୀ, ମନ୍ତ୍ର ଶ୍ଳୋକ, ଜାତୀୟ ସଙ୍ଗୀତ ନିର୍ଭୁଲ ଭାବରେ କହି ଇଣ୍ଡିଆ ବୁକ ଅଫ ରେକର୍ଡରେ ନିଜ ନାମ ସ୍ଥାନିତ କରିଥିବା କୁନି ପ୍ରତିଭା ହେଉଛନ୍ତି ସିଦ୍ଧେଶ୍ୱରୀ ଗଉଡ ।ଗଞ୍ଜାମ ଜିଲ୍ଲା ସରୋଡା ବ୍ଲକ ଅନ୍ତର୍ଗତ ଲାଠିଗୁଡା ପଞ୍ଚାୟତରେ ତାଙ୍କ ଗାଁ । ବାପା ମିଳନ ଗଉଡ ଓ ମାଆ ଟିକିଲତା ଗଉଡ । ବାପା ଗୋଳାମୁଣ୍ଡା ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଅଛନ୍ତି ଏବଂ ଝିଅ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋଲାମୁଣ୍ଡାରେ ଶିଶୁବୋଧ ଶ୍ରେଣୀରେ ପାଠ ପଢ଼ନ୍ତି । ସତରେ ସିଦ୍ଧେଶ୍ୱରୀ କେବଳ ନିଜ ବାପା ମାଆ, ଗାଁ ନୁହେଁ ବରଂ ସାରା ଦେଶ ପାଇଁ ଗର୍ବ ।

## ନକଲି ଡାକ୍ତରଙ୍କ ମେଳି: ଭବ୍ୟ ଉଦଘାଟନର ଦିନକ ପରେ ସିଲ୍ ହେଲା ହସ୍ପିଟାଲ

ଭୁବନେଶ୍ୱର,୧୯।୧୧(ପି.ଏନ): ପ୍ରଥମେ କିଛି ନକଲି ଡାକ୍ତର ମିଳିତ ଭାବେ କ୍ଲିନିକ୍ସ ଚଳାଉଥିଲେ। ସେମାନେ ଆଉ ଗୋଟିଏ ପାଦ ଆଗକୁ ଯାଇ ଗୁଜରାଟର ସୁରତରେ ବିରାଟ ହସ୍ପିଟାଲ ଖୋଲିଲେ। ବଡବଡ ପ୍ରଶାସନିକ ଅଧିକାରୀ ଓ ପୁଲିସ୍ ଅଫିସରଙ୍କ ସହ କଥା ନହୋଇ ଉଦଘାଟନ ଫଳରେ ସେମାନଙ୍କ ନାଁ ମଧ୍ୟ ଲେଖିଲେ। ଦିନକ ତଳେ ବିରାଟକାୟ ହସ୍ପିଟାଲକୁ ବେଶ ଭବ୍ୟ ଢଙ୍ଗରେ ଉଦଘାଟନ କରାଯାଇଥିଲା। ହେଲେ ଦିନକ ପରେ ନକଲି ଡାକ୍ତରମାନଙ୍କ ଅସଲ ଚେହେରା ସାମ୍ନାକୁ ଆସିଛି। କୌଣସି ଲୋକଙ୍କ ଜୀବନ ବିପଦରେ ପଡିବା ପୂର୍ବରୁ ସରକାର ଉଦଘାଟନର ଦିନକ ପରେ ହସ୍ପିଟାଲକୁ ସିଲ୍ କରି ଦେଇଛି।




ହସ୍ପିଟାଲକୁ ପ୍ରତିଷ୍ଠା କରିଥିବା ୫ ଜଣଙ୍କ ମଧ୍ୟରୁ ଅତିକମରେ ୨ ଜଣଙ୍କ ନକଲି ଡିଗ୍ରୀ ରଖିଛନ୍ତି। ଅନ୍ୟ ୩ ଜଣଙ୍କ ପାଖରେ ଥିବା ମେଡିକାଲ ଡିଗ୍ରୀ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଏହାର ସତ୍ୟାସତ୍ୟ ପୁଲିସ୍ ଯାଞ୍ଚ କରୁଛି।

## ଦିଲ୍ଲୀ ଯାଉଥିବା ବିମାନକୁ ଜୟପୁରରେ ଛାଡି ପଳେଇଲେ ପାଇଲଟ

ଭୁବନେଶ୍ୱର,୧୯।୧୧(ପିଏନ):ପ୍ୟାରିସରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ବିମାନ ଖରାପ ପାଗ ପାଇଁ ଜୟପୁରକୁ ଡାଇଭର୍ଟ ହେବା ଓ ଡ୍ୟୁଟି ସରି ଯାଇଥିବାରୁ ପାଇଲଟ ଆଉ ବିମାନ ନ ଉଡାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଡାଇଭର୍ଟ ଓ ପାଇଲଟଙ୍କ ହରକତ ଯୋଗୁ ଶତାଧିକ ଯାତ୍ରୀ ଏୟାରପୋର୍ଟରେ ଦୀର୍ଘ ଘଣ୍ଟା ଧରି ଅପେକ୍ଷା କରିଥିଲେ। ଶେଷରେ ସେମାନଙ୍କୁ ବସ୍ ଯୋଗେ ଦିଲ୍ଲୀ ଅଣାଯାଇଛି।ଏୟାର ଇଣ୍ଡିଆ ପକ୍ଷରୁ ଏ ସମ୍ପର୍କରେ କିଛି ବି କୁହାଯାଇ ନାହିଁ। କିନ୍ତୁ ଏୟାରଲାଇନ ପକ୍ଷରୁ ଜୟପୁରରେ ଫସି ରହିଥିବା ଲୋକଙ୍କ ପାଇଁ କୌଣସି ବିକଳ୍ପ ବିମାନର ବ୍ୟବସ୍ଥା କରାଯାଇ ନଥିଲା।




ଫଳରେ ସେମାନଙ୍କୁ ବହୁ ଘଣ୍ଟା ଖର୍ଚ୍ଚ କରି ବସ୍ ଯୋଗେ ଦିଲ୍ଲୀ ଆସିବାକୁ ପଡିଛି। ଏୟାର ଇଣ୍ଡିଆର ଏଆଇ-୨୦୨୨ ପ୍ୟାରିସରୁ ରବିବାର ରାତି ୧୦ଟାରେ ଉଡାଣ ଭରିଥିଲା। ଏହା ସୋମବାର ସକାଳ ୧୦.୩୫ରେ ଦିଲ୍ଲୀରେ ପହଞ୍ଚିବା ଥିଲା। କିନ୍ତୁ ଦିଲ୍ଲୀରେ ପ୍ରଦୂଷଣ ଯୋଗୁ ସୃଷ୍ଟି ହୋଇଥିବା ସ୍ଥିତି ଯୋଗୁ ବିମାନକୁ ଜୟପୁରକୁ ଡାଇଭର୍ଟ କରାଯାଇଥିଲା।

## ବାରବାଟୀ ଦିନିକିଆ ପାଇଁ କମିଲା ଟିକେଟ ଦର

ଭୁବନେଶ୍ୱର,୧୯।୧୧(ପି.ଏନ): ରାଜ୍ୟବ୍ୟାପୀ କ୍ରିକେଟ୍ ଦର୍ଶକ ଏବଂ କ୍ରୀଡାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପରେ ଶେଷରେ ହ୍ରାସ ପାଇଲା ବାରବାଟୀ ଟିକେଟ ଦର। ଫେବୃଆରୀ ୯ରେ ବାରବାଟୀରେ ଖେଳାଯିବାକୁ ଥିବା ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍ ପାଇଁ ଟିକେଟ ଦର ହ୍ରାସ ପାଇଛି। ସର୍ବନିମ୍ନ ୧୦୦ ଟଙ୍କା ଟିକେଟ ଦର ହ୍ରାସ କରିଛି ଓଡ଼ିଶା କ୍ରିକେଟ ସଂଘ।ଗ୍ୟାଲେରୀ ୧ ଓ ୩ ପାଇଁ ଟିକେଟ ୧୨୦୦ରୁ ୧୧୦୦ ଟଙ୍କାକୁ ହ୍ରାସ କରିଛି ଓସିଏ। ଗ୍ୟାଲେରୀ ୫ ପାଇଁ ଟିକେଟ ମୂଲ୍ୟ ୧୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହାକୁ ୧୨୦୦ ଟଙ୍କା କରାଯାଇଛି। ଗ୍ୟାଲେରୀ ୨ ଓ ୪ ପାଇଁ ପୂର୍ବରୁ ୧୦୦୦ ଟଙ୍କା ଧାର୍ଯ୍ୟ ଟିକେଟ ମୂଲ୍ୟକୁ ୯୦୦ ଟଙ୍କାକୁ ହ୍ରାସ କରାଯାଇଛି। ସେହିଭଳି ପୂର୍ବରୁ ୮୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ଗ୍ୟାଲେରୀ ୭ ପାଇଁ ଟିକେଟ ମୂଲ୍ୟ ୭୦୦ ଟଙ୍କା ରଖାଯାଇଛି।

## ଗୋଟିଏ ଦିନ ବଢ଼ିବ ବାଲିଯାତ୍ରା ! ନଭେମ୍ବର ୧୮ରେ ବାତିଲ୍ ହୋଇଥିବା କାର୍ଯ୍ୟକ୍ରମକୁ ଆଡଜଷ୍ଟ ପାଇଁ ପ୍ରଶାସନ ନେଇପାରେ ବଡ ନିଷ୍ପତ୍ତି

ଭୁବନେଶ୍ୱର,୧୯।୧୧(ପିଏନ):ଭୁବନେଶ୍ୱର(ଓଡିଶା ଭାସ୍କର): ଚଳିତ ଥର ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି ପାଇପାରେ । ଚଳିତ ବର୍ଷ ବାଲିଯାତ୍ରା ୮ ଦିନ ହେବା ନେଇ ପୂର୍ବରୁ ପ୍ରଶାସନିକ ମହଲରେ ନିଷ୍ପତ୍ତି ହୋଇଛି । ଏନେଇ ମଧ୍ୟ ସମସ୍ତ ପ୍ରକାରର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇ ସାରିଛି । ତେବେ ଗତ ୧୮ ତାରିଖ ସୋମବାର ଦିନ ରାଜ୍ୟର ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ବିୟୋଗ ପରେ ତାଙ୍କୁ ସମ୍ମାନ ଜଣାଇ ବାଲିଯାତ୍ରାରେ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ହଠାତ୍ ବାତିଲ୍ କରାଯାଇଥିଲା । ଏପରିକି ମେଳାରେ କୌଣସି ବେସରକାରୀ ଷ୍ଟଲରେ ସାଉଣ୍ଡ ମଧ୍ୟ ବାଜିନଥିଲା । ତା' ସାଙ୍ଗକୁ କଟକ ଇନ କଟକ ମଧ୍ୟରେ ହେବାକୁ ଥିବା ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ହୋଇଥିଲା ।ତେଣୁ ଗତ ସୋମବାର ହେବାକୁ ଥିବା କାର୍ଯ୍ୟକ୍ରମକୁ ଆଡଜଷ୍ଟ କରିବା ପାଇଁ ଏଥର ଯାତ୍ରାକୁ ଆଉ ଗୋଟିଏ ଦିନ ବୃଦ୍ଧି କରିବା ନେଇ ଚର୍ଚ୍ଚା ହେଉଛି । ମାତ୍ର ଏନେଇ ଅଫିସିଆଲ ଭାବେ କୌଣସି ସୂଚନା ଜାରି କରାଯାଇ ନାହିଁ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏନେଇ ସ୍ୱତନ୍ତ୍ର ଅନୁମତି ଆଣି ଏନେଇ ବଡ ଘୋଷଣା କରାଯାଇପାରେ । ଯଦି ଏଥର ଯାତ୍ରା ୧ ଦିନ ବୃଦ୍ଧି ହୁଏ, ତେବେ ଚଳିତ ୨୦୨୪ ବାଲିଯାତ୍ରାର ଅବଧି ୯ ଦିନ ହୋଇଯିବ ।ସୂଚନାଯୋଗ୍ୟ ଯେ, ରାଜ୍ୟର ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ସ୍ୱାସ୍ଥ୍ୟାବସ୍ଥା ନିକଟରେ ବିଗିଡି ଯାଇଥିବା ବେଳେ ଗତକାଲି ସେ ପରଲୋକ ଗମନ କରିଥିଲେ । ତେଣୁ ସମୀରଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଗତକାଲି ବାଲିଯାତ୍ରାର ସମସ୍ତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା । ଏନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିବା ବେଳେ କଟକର ଏକ ଘରୋଇ ହସ୍ପିଟାଲରେ ସମୀର ୬୭ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।



## ଗନ୍ଧମାର୍ଦ୍ଦନ ପାହାଡ଼ରେ ଖଣି ଖନନ କରିବାକୁ ହେଉଛି କି ଷଡ଼ଯନ୍ତ୍ର ?

ଭୁବନେଶ୍ୱର,୧୯।୧୧(ପି.ଏନ): ଗନ୍ଧମାର୍ଦ୍ଦନରେ ଥିବା ବକ୍ସାଇଟ ଉତ୍ତୋଳନ କରିବାକୁ କୌଣସି ଘରୋଇ କମ୍ପାନୀ ହାତରେ ଏହି ଜୈବ ବିବିଧତାପୂର୍ଣ୍ଣ ପାହାଡ଼କୁ ଟେକି ଦେବେ କି ରାଜ୍ୟ ସରକାର ଗନ୍ଧମାର୍ଦ୍ଦନ ପର୍ବତର ଉଭୟ ପଟେ ଅଦାନୀ ଜମି କିଣିବା ପରେ ଏହି ଚର୍ଚ୍ଚା ଜୋର ଧରିଛି । ପର୍ବତର ପାଦଦେଶରେ ପ୍ରାୟ ୨୦ ଏକର ଜମି କିଣାଯାଇଛି । ଏହାପରେ ଲୋକଙ୍କ ମନରେ ଦେଖା ଦେଇଛି ନାନା ଆଶଙ୍କା ।ଅଭିଯୋଗ ହୋଇଛି ଅଦାନୀ କମ୍ପାନୀ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ତହସିଲ ରେଙ୍ଗାଲି ପଞ୍ଚାୟତ ଭରୁଆମୁଣ୍ଡା ମୌଜାରେ ଜମି କିଣିଛି । ଗତ ସେପ୍ଟେମ୍ବର ମାସରେ ଅଦାନୀ ଗ୍ରୁପର ମହାନଦୀ ମାଇନ୍ସ ଓ ମିନେରାଲ୍ସ କମ୍ପାନୀ ନାମରେ ଜମି କିଣାଯାଇଛି । ଜମି ରେଟ ୭୦ରୁ ୮୦ ହଜାର ଥିବା ବେଳେ ଦୁଇ ଲକ୍ଷ୍ୟ ଲେଖାଏଁ ଦେଇ କିଣାଯାଇଛି । ଜମି ବିକିଥିବା ହେମନ୍ତ ବେହେରା ଓ ଡୋଲାମଣି ବେହେରାଙ୍କୁ ପ୍ରଲୋଭିତ କରି କମ୍ପାନୀର ଜମି କିଣିଥିବା କହିଛନ୍ତି ସମସ୍ତେ ।ସେହିପରି ବେଲପଡ଼ା ତହସିଲ ଡୁଡୁକାମାଲ ଗାଁରେ ମଧ୍ୟ ୩୩ ଏକର ଜମି କିଣାଯାଇଛି । କମ୍ପାନୀର କିଛି ବଡ ଅଧିକାରୀ ପାଟଣାଗଡ଼ରେ ରହି ଜମି କିଣାବିକା କରିଥିବା ଜଣାପଡ଼ିଛି । ଶାସକ ଦଳର ନେତା ବି ଜମି କିଣାବିକା ପ୍ରକ୍ରିୟାରେ ସାମିଲ ଥିଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି । ଗନ୍ଧମାର୍ଦ୍ଧନରେ ୨୦୨ ଲକ୍ଷ ମେଟ୍ରିକ୍ ଟନ୍ ବକ୍ସାଇଟ ମହଜୁଦ ଥିବାର ଆକଳନ କରାଯାଇଛି । ଆଗରୁ ବାଲକୋ କମ୍ପାନୀ ଖଣି ଖନନ କରିବାକୁ ଆସି ବିଫଳ ହୋଇଥିଲା ଓ ଜୋରଦାର ଆନ୍ଦୋଳନ ହୋଇଥିଲା । ସ୍ଥାନୀୟ ଲୋକଙ୍କ ବିରୋଧ ଦେଖି ଶେଷରେ ବାଲକୋ କମ୍ପାନୀ ପଳାଇଥିଲା । ଲୋକେ କୁହା କୁହି ହେଉଛନ୍ତି, ଏବର ସରକାର ତ ଶିଳ୍ପପତିଙ୍କ ପ୍ରେମରେ ଉବୁଟୁବୁ । ସରକାରଙ୍କ ଶିଳ୍ପପତି ପ୍ରେମରେ ଗନ୍ଧମାର୍ଦ୍ଧନ ବଳି ପଡ଼ିବା ନେଇ ସେମାନେ ଆଶଙ୍କା କରିଛନ୍ତି । ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଚୁପ୍ ରହିଥିବାରୁ ଆହୁରି ସନ୍ଦେହ ଘନୀଭୁତ ହୋଇଛି । ସେପଟେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏ ସଂପର୍କରେ ସେ କିଛି ଜାଣି ନାହାନ୍ତି ।









# ଟି ଟାଇମ୍

## ବୈଜନାଥ ମନ୍ଦିର

ହିମାଚଳ ପ୍ରଦେଶର କାଙ୍ଗଡା ଜିଲ୍ଲାରେ ବୈଜନାଥ ମନ୍ଦିର ଅବସ୍ଥିତ। ଏହି ମନ୍ଦିର ପାଣ୍ଡପଙ୍କ ସମୟରେ ନିର୍ମାଣ କରାଯାଇଥିଲା। ଅଜ୍ଞାତବାସ ସମୟରେ ପାଣ୍ଡବମାନେ ଏହି ମନ୍ଦିରକୁ ନିର୍ମାଣ କରିଥିଲେ ବୋଲି କେହି କେହି ମତ ବ୍ୟକ୍ତ କରିଛନ୍ତି। ମନ୍ଦିର ନିର୍ମାଣ କରିବା ସହ ସ୍ୱର୍ଗକୁ ଯିବା ପାଇଁ ନିଶୁଣୀ ତିଆରି କରିବା ପାଇଁ ଚାହିଁଥିଲେ କିନ୍ତୁ ସୂର୍ଯ୍ୟୋଦୟ ହୋଇଯିବାରୁ ଏହି କାମକୁ ଅଧାରୁ ଛାଡି ପାଣ୍ଡବ ଚାଲିଯାଇଥିଲେ। କୁହାଯାଇଛି ଯେ, ଏହି ମନ୍ଦିରରେ ସ୍ଥାପିତ ହୋଇଥିବା ଶିବଲିଙ୍ଗକୁ ରାବଣ ଶ୍ରୀଲଙ୍କା ନେଇଯାଉଥିଲା। ରାବଣ ଏହି ଲିଙ୍ଗକୁ ନେଇଯାଉଥିବା ଖବର ଜାଣି ଭଗବାନ ଗଣେଷ ରାବଣକୁ ଅଟକାଇ ଥିଲେ। ଫଳରେ ରାବଣ ଶିବଲିଙ୍ଗକୁ ସାଥିରେ ନନେଇ ଉକ୍ତ ସ୍ଥାନରେ ରଖିଦେଇଥିଲା। ସେହିପରି ଉତ୍ତରାଖଣ୍ଡରେ ଥିବା ବୈଦ୍ୟନାଥ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ। ଏଠାରେ ରାବଣ ଶିବଲିଙ୍ଗ ତିଆରି କରି ଶିବଙ୍କୁ ଆରଧନା କରିଥିଲେ। ଏଠାରେ ରାମଲୀଳା ଉତ୍ସବ କରାଯାଇନଥାଏ। ଯଦି କୌଣସି ଦଶତ ରାମଲୀଳା ପାଳନ କରିବା ପାଇଁ ଚେଷ୍ଟା କିଏ କଲା ତା ସହ କିଛି ନା କିଛି ସମସ୍ୟା ଦେଖାଦେଇଥାଏ ବୋଲି ଅନେକ ବିଶ୍ୱାସ କରିଥାନ୍ତି। ଏହି ମନ୍ଦିରରେ ମା' ଦୁର୍ଗାଙ୍କ ବିଭିନ୍ନ ରୂପ ମନ୍ଦିରର ଚାରିପଟେ ରହିଛି।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

## ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସି ଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

# ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ଶୈଳରାଣୀ ସିମଳା

ସମୁଦ୍ର ପତନ ରୁ ପ୍ରାୟ ସାତ ହଜାର, ଦୁଇଶହ ଫୁଟ ଉଚ୍ଚତାରେ, ସିମଳା ଶୈଳ ନିବାସ ହିମାଳୟ କୋଳରେ ସାତ ପାହାଡ ଶିରରେ ଅବସ୍ଥିତ । ଏହା କାଲକା ଠାରୁ ୮୮କିମି, ଚଣ୍ଡିଗଡ ଠାରୁ ୧୧୫ କିମି, ମାନାଲି ଠାରୁ ୨୪୫ କିମି, ଚଣ୍ଡିଗଡ ଠାରୁ ୧୪୫ କିମି ଓ ଦିଲ୍ଲୀ ଠାରୁ ୩୪୫ କିମି ଦୂରରେ ରହିଚି । ସାତଟି ପାହାଡର ଶିଖରରେ ସିମଳା ଅବସ୍ଥିତ । ସେଗୁଡିକ ହେଲା, ଜାଖୁ ହିଲ, ପ୍ରସପେକ୍ଟସ ହିଲ, ସମର ହିଲ, ବାନୋଟି ହିଲ, ମଇନଭେରାନ ହିଲ, ଅବଜରଭେଟୋରି ହିଲ, ଇଲୁସିଅମ ହିଲ । ବର୍ତମାନ ଏହା ହିମାଚଳ ପ୍ରଦେଶର ରାଜଧାନୀ ହୋଇଛି । ସ୍ୱାଧିନତା ପରେ କିଛିଦିନ ପାଇଁ ପୂର୍ବ ପଞ୍ଜାବର ମଧ୍ୟ ରାଜଧାନୀ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏଠାରେ ତିନି ବର୍ଷ ପାଇଁ ପ୍ରବାସୀ ବର୍ମା ସରକାର କାମ କରୁଥିଲା ।

ଏହା ପାଖରେ ଥିବା କାଳିବାଡିର ଶ୍ୟାମଳା ଦେବୀ ବା ଶ୍ୟାମା କାଳୀ ଦେବୀଙ୍କ ନାମ ଅନୁସାରେ ସହର ନାମ ସିମଳା ହୋଇଚି । ୧୮୦୦ ମସିହା ପୁର୍ବରୁ ଏହା ଜନଶୂନ୍ୟ ଇଲାକା ଥିଲା । ଅଳ୍ପ କେତେକ ସ୍ଥାନୀୟ





ପାହାଡି ଲୋକ କୁଡିଆ କରି ରହୁଥିଲେ । ଏହି ଇଲାକା ନେପାଳ ଥାପା ରାଜାଙ୍କ ଶାସନାଧିନ ଥିଲା ।୧୮୧୪ ମସିହାରେ ଇଂରେଜ ମାନଙ୍କ ଜେନେରାଲ ଅକ୍ଟେରଲେନି ଗୁର୍ଖାମାନଙ୍କୁ ପରାସ୍ତ କରି, ସଉଗୁଲି ଚୁକ୍ତି ଦ୍ୱାରା ଏହି ଅଂଚ-ଳର ମାଲିକାନା ଗ୍ରହଣ କଲେ । ଇଂରେଜ ମାନେ ଆସିଲା ପରେ ଗ୍ରୀଷ୍ମ ଦିନେ ଗାଙ୍ଗେୟ ସମତଳର ପ୍ରବଳ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ସେମାନେ ଶୀତଳ ଉଚ୍ଚ ସ୍ଥାନର ସନ୍ଧାନ ନେଲେ । ସିମଳାର ପ୍ରାକୃତିକ ଘ- ଜଙ୍ଗଲ, ତୁଷାରାବୃତ ଶୃଙ୍ଗର ପରିବେଶ ତାଙ୍କୁ ବେଶ ସୁହାଇଲା । ଛୋଟ ଛୋଟ କଟେଜ, ହୋଟେଲମାନ ଗଢି ଉଠିଲା । ଗ୍ରୀଷ୍ମର ଆଗମନରେ ଦଳଦଳ ୟୁରୋପୀୟମାନେ ଏଠାରେ ରୁଣ୍ଡ ହେଲେ । ସେମାନଙ୍କ ସେବା ପାଇଁ ଭାରତୀୟମାନେ କୁଲି, ଖଲାସୀ, ଅଶ୍ୱଚାଳକ, ଧୋବା, ରୋଷାୟା, ଦୋକାନୀ ଭଳି କାମ କରି ଦୁଇପଇସା ରୋଜଗାର ପାଇଁ ମଧ୍ୟ ଆସିଲେ । ଶେଷରେ କଳିକତାରୁ



ରାଜଧାନୀ ଗ୍ରୀଷ୍ମକାଳରେ ସିମଳାକୁ ଗଭର୍ଣ୍ଣର ଜେନେରାଲ ଲର୍ଡ ଲରେନସଙ୍କ ସମୟରେ ଉଠିଗଲା (୧୮୬୧ ମସିହା) । ଗଭର୍ଣ୍ଣର ଜେନେରାଲ, ସୈନ୍ୟ ମୁଖ୍ୟ ଓ ତାଙ୍କର ଅଧସ୍ତନ କର୍ମଚାରୀମାନେ ସେଠାକୁ ଗଲେ । ସିମଳାରେ ସେମାନଙ୍କ ପାଇଁ ଗଥିକ, ଭିକ୍ଟୋରିଆନ ଓ ଟ୍ୟୁଡର ଶୈଳୀରେ ଉଚ୍ଚ ମିନାର, ଖିଲାଣ, ବଡଝରକା ଦ୍ୱାରା ଥାଇ କାଠ ଓ ଇଟା ପଥରର କୋଠାମାନ ତିଆରି ହେଲା । ଚର୍ଚ୍ଚମାନ ମଧ୍ୟ ପ୍ରତିଷ୍ଠା ହେଲା । ଅନେକ ବିଳାସପୂର୍ଣ୍ଣ ହୋଟେଲ, ଗଲ୍ଫ କୋର୍ଟ, ଘୋଡା ପଡିଆ, ବରଫ ସ୍କେଟିଙ୍ଗ ପଡିଆ, ବଲ ଡ୍ୟାନସ ରୁମ, ବିପଣୀମାନ ଆରମ୍ଭ ହେଲା । ଅନେକ ୟୁରୋପୀୟ ସ୍ଥାୟୀ ଭାବରେ ରହିଗଲେ । ସମତଳ ରାଜ୍ୟରୁ ଗୋରାଙ୍କ ସହ ସାଥିଦେବା ପାଇଁ ଅନେକ ଦେଶୀୟ ରାଜା ମାନେ ମଧ୍ୟ ଆସିଲେ । ହଜାର, ହଜାର ଭାରତୀୟ କୁଲି ସାହେବମାନଙ୍କର ବିଳାସ ସାମାଗ୍ରୀ, ପୋଷାକ ପତ୍ର ଖାଦ୍ୟ, ମଦ ବୋତଲ, ଅଫିସ ଫାଇଲମାନ ବୋହି ପାହାଡ ଉପରକୁ ଯାଉଥିଲେ । ରାଜଧାନୀ କଳିକତା ସେଠାରୁ ହଜାର ମାଇଲ ଥିଲା । ତାତି କମିଲେ ପୁଣି ସେମାନେ କଳିକତା ଫେରୁଥିଲେ । ସରକାରୀ ତହବିଲରୁ ଅଜସ୍ର ଅର୍ଥ ବ୍ୟୟ ହେଉଥିଲା, ସାହେବମାନଙ୍କୁ ଥଣ୍ଡା ରଖିବା ପାଇଁ । ସାରା ଭାରତରେ ଦୁର୍ଭିକ୍ଷର କରାଳ ଛାଇ ଘୁରି ବୁଲୁଥିଲା ବେଳେ ଏଠାରେ ଦଳେ ଦିନରାତି ମଉଜ ମଜଲିସରେ ବୁଡି ରହୁଥିଲେ । ହଜାର ହଜାର ବେଶ୍ୟାମାନେ ମଧ୍ୟ ଏହି ଧନକୁବେରଙ୍କୁ ଆକୃଷ୍ଟ କରି ନିଜ ପେଟ ପୋଷିବା ପାଇଁ ଡେରା ପକାଉଥିଲେ



। ଅନେକ କୁମାରୀ ନିଜ ପସନ୍ଦର ସାଥି ପାଇବା ପାଇଁ ଏଠାକୁ ଆସୁଥିଲେ । ୧୯୦୩ ମସିହାରେ ଅନେକ ଅର୍ଥ ବ୍ୟୟ କରି ସିମଳାକୁ ଏକ ରେଳପଥ ଦ୍ୱାରା ସଂଯୋଗ କରାଗଲା । ସମତଳର କାଲକା



ଷ୍ଟେସନରୁ ଏହାର ଦୂରତା ୧୦୦ କିମି । ୭୮୦ଟି ପୋଲ ଓ ୧୦୦ ଟନେଲ ଦେଇ ଏହି ରେଳପଥ ନିର୍ମିତ ହୋଇଥିଲା । ପ୍ରାୟ ୬ ଘଂଟା ସମୟ ଯିବାକୁ ଲାଗେ । ଅନେକ ଐତିହାସିକ ସମ୍ମିଳନୀର ଚିହ୍ନ ସିମଳାରେ ରହିଚି । ୧୮୩୩ ମସିହାରେ ଗଭର୍ଣ୍ଣର ଜେନେରାଲ ଲର୍ଡ ବେଂଟିକ ଓ ମହାରାଜା ରଣଜିତ ସିଂଙ୍କ ମଧ୍ୟରେ ଏଠାରେ ଆଲୋଚନା ହୋଇଥିଲା । ୧୯୧୪ ମସିହାରେ ଚୀନ୍, ତିବ୍ବତ ଓ ଭାରତ ମଧ୍ୟରେ ସୀମା ନିର୍ଦ୍ଧାରଣ କମିଟି ବସି ମାକ୍‌ମୋହନ ଲାଇନ ଟଣା ହୋଇଥିଲା । ୧୯୪୪ ମସିହାରେ ଲର୍ଡ ଓ୍ୱେଭେଲ ଭାରତର ସ୍ୱାଧୀନତା ବିଷୟରେ ଆଲୋଚନା ପାଇଁ କ୍ୟାବିମେଟ ମିଶନ ସହ ଭାରତୀୟ ନେତାଙ୍କ ବୈଠକ ଏଠାରେ ବସାଇଥିଲେ । ।୧୯୭୨ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଓ ପାକିସ୍ଥାନ ପ୍ରଧାନମନ୍ତ୍ରୀ ଜେଡଏ ଭୁଟୋଙ୍କ ମଧ୍ୟରେ ପାକିସ୍ତାନୀ ଯୁଦ୍ଧବନ୍ଦୀ ମୁକ୍ତି ନେଇ ସିମଳା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ସିମଳାଠାରେ ଦକ୍ଷିଣ ଏସିଆର ସର୍ବବୃହତ ବାଇକ ରାଲି ଅନୁଷ୍ଠିତ ୨୦୦୬ ମସିହାରୁ ହୋଇଆସୁଛି (ହିମାଲୟାନ ବାଇକ ରାଲି) । କାଲକା ସିମଳା ରେଳକୁ ୟୁନେସ୍କୋ ହେରିଟେଜରେ ସଂରକ୍ଷିତ ସ୍ଥାପତ୍ୟ ରୂପେ ଗ୍ରହଣ କରାଯାଇଛି । କାଶ୍ମୀର ଉପତ୍ୟକାରେ ଆତଙ୍କବାଦ କାର୍ଯ୍ୟକଳାପ ହେତୁ ଅନେକ ପର୍ଯ୍ୟ୍ୟଟକ ସିମଳାର ଶାନ୍ତ ପରିବେଶରେ ସମୟ କଟାଇବାକୁ ପସନ୍ଦ କରୁଛନ୍ତି । ସିମଳାରେ ଥିବା ଦର୍ଶନୀୟ ଓ ଐତିହାସିକ ସ୍ଥାନ ହେଲା, ଭାଇସେରାଲ ଲଜ, ଆସେମ୍ବଲି ଚାମ୍ବର, ଅକଲାଣ୍ଡ ହାଉସ, କ୍ରାଇଷ୍ଟ ଚର୍ଚ୍ଚ କର୍ଟନ କାସଲ, ଗେଟି ହାଉସ, ସିମଳା ଥିଏଟର ମାଲ ବିପଣୀ, ହନୁମାନ ଯୋଥା, ତାରାଦେବୀ ମନ୍ଦିର, କାଳୀ ବାଡି ଶ୍ୟାମା କାଳୀ ମନ୍ଦିର, ଇଣ୍ଡିଆନ ଆଡଭାନସ ଷ୍ଟଡି ସେଂଟର, ଆର୍ମି ମ୍ୟୁଜିଅମ । ସିମଳାର ମାଲ ବିପଣୀରେରେ ସମସ୍ତ ପଦାର୍ଥ ମିଳେ । ଏଠାକୁ ଚାଲି ଚାଲି ଯିବାକୁ ହୁଏ । ଆଗରୁ କେବଳ ଭାଇସରାୟ ଓ ତାଙ୍କ ସ୍ତ୍ରୀଙ୍କ ଗାଡି ଯିବାକୁ ଅନୁମତି ଥିଲା । ସିମଳାର ଉପର, ମଝି ଓ ତଳ ବଜାରକୁ ଟନେଲ ଦ୍ୱାରା ଯୋଡାଯାଇଛି । ଜସୟଶର ହେଉଚି ଏକ ସମତଳ ଯାଗା, ମାଲ ପାର୍ଶ୍ୱରେ ରହିଚି । ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାରେ ହୋଇଥାଏ । ଗ୍ରୀଷ୍ମ ଦିନରେ ଏଠାରେ ସିମଳା ଫେଷ୍ଟିଭାଲ ଅନୁଷ୍ଠିତ ହେଉଚି । ଏଠାରେ ଭାରତ ସ୍କାଉଟ ଓ ଗାଇଡର ମୁଖ୍ୟ କାର୍ଯ୍ୟାଳୟ ରହିଚି । ନେଡାଲାଠାରେ ଘୋଡାଦୌଡ (Horse Race)ହୋଇଥାଏ । ଏଠାରେ ହେଲିପାଡ ଅଛି । ପ୍ରଥମ ଡୁରାଣ୍ଡ ଫୁଟବଲ କପ ଖେଳ ଏଠାରେ ୧୮୮୮ ମସିହାରେ ହୋଇଥିଲା । କ୍ରୀସ ଠାରେ ଆଇସ ସ୍କେଟିଙ୍ଗ ପଡିଆ ଅଛି । ରାଜ ସମୟର ଗୌରବ ନଥରଲେ ସିମଳା ଏବେ ମଧ୍ୟ ଅସଖ୍ୟ ଭ୍ରମଣକାରୀ ଙ୍କୁ ଆକର୍ଷିତ କରୁଅଛି ।

# ଯଶସ୍ୱୀ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନ



ଭାରତୀୟ ଦର୍ଶନ, ସାହିତ୍ୟ, ସଂସ୍କୃତି, ଧର୍ମ, କଳା ଓ ରାଜନୀତି କ୍ଷେତ୍ରରେ ପରାକାଷ୍ଠା ପ୍ରଦର୍ଶନ କରିଥିବା ପୃଥିବୀର ବୌଦ୍ଧିକ ଜଗତର ଉଜ୍ଜ୍ୱଳ ଜ୍ୟୋତିଷ୍କ, ବହୁମୁଖୀ ପ୍ରତିଭାର ଅଧିକାରୀ, ଆଦର୍ଶ ଶିକ୍ଷକ ତଥା ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମଦିନକୁ ସେପ୍ଟେମ୍ବର ମାସ ୫ ତାରିଖରେ ୧୯୬୨ ମସିହାରୁ ସମଗ୍ର ଦେଶରେ ଗୁରୁଦିବସ ରୂପେ ପାଳନ କରାଯାଉଛି । ସର୍ବପଲ୍ଲୀ ରାଧାକୃଷ୍ଣନ ୫ ସେପ୍ଟେମ୍ବର ୧୮୮୮ରେ ମାନ୍ଦ୍ରାଜର ଉତ୍ତର ପଶ୍ଚିମକୁ ଚାଳିଶ ମାଇଲ ଦୂର କ୍ଷୁଦ୍ରପଲ୍ଲୀ ତୁରୁଭାଣୀ ଠାରେ ଏକ ସାଧାରଣ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ବୀରସ୍ୱାମୀ ଥିଲେ ଜଣେ ପୂଜକ ଓ ଗ୍ରାମ ଅବଧାନ । ସଞ୍ଜ ହେଲେ ରାଧାକୃଷ୍ଣନ ଘରୁ ପଦାକୁ ବାହାରୁ ନଥିଲେ, ବରଂ ନିରୋଳାରେ ଏକୁଟିଆ ରହିବାକୁ ଭଲ ପାଉଥିଲେ ଓ ପ୍ରତିଦିନ ସାବଧାନତା ସହ ଚଳିବାକୁ ପସନ୍ଦ କରୁଥିଲେ ।

ଭେଲୋରରେ ଏଫ.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାନ୍ଦ୍ରାଜର ଖ୍ରୀଷ୍ଟିଆନ କଲେଜରେ ନାମ ଲେଖାଇ ସେଠାରେ ଦର୍ଶନ ଶାସ୍ତ୍ରରେ ସମ୍ମାନର ସହ ଖୁବ୍ ଭଲ ନମ୍ବର ରଖି ବି.ଏ. ପାଶ୍ କଲେ । ଅର୍ଥାଭାବ ତାଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥିଲା । କିନ୍ତୁ ଦୁଃଖକଷ୍ଟ, ଅଭାବ ଅସୁବିଧା ମଧ୍ୟରେ ରହି ମାତ୍ର ୨୦ ବର୍ଷ ବୟସରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି ସ୍ନାତକୋତ୍ତର ପାଶ୍ କଲେ । ଶିକ୍ଷା ପରିସମାପ୍ତି ପରେ ମାତ୍ର ୨୧ ବର୍ଷ ବୟସରେ ୧୯୦୯ରେ ମାନ୍ଦ୍ରାଜର ପ୍ରେସିଡେନ୍ସି କଲେଜରେ ଦର୍ଶନ ଶାସ୍ତ୍ରର ସହକାରୀ ଅଧ୍ୟାପକ ପଦରେ ଯୋଗଦେଲେ । ଦର୍ଶନ ଶାସ୍ତ୍ରରେ ଅଗାଧ ଜ୍ଞାନ, ଛାତ୍ରବତ୍ସଳତା ତଥା ନିରହଙ୍କାର ସ୍ୱଭାବ ଯୋଗୁଁ ସୁଖ୍ୟାତି ଅର୍ଜନ କରି ସବୁ ମହଲରେ ସେ ଆଦୃତି ଲାଭ କରିଥିଲେ । ୧୯୧୦ ମସିହାରେ ସୈଦାପେଟସ୍ଥିତ ଶିକ୍ଷକ ତାଲିମ କଲେଜରୁ ଅଧିକ ନମ୍ବର ରଖି ଏଲ.ଟି. ଡିଗ୍ରୀ ଲାଭ କଲେ । ପ୍ରେସିଡେନ୍ସି କଲେଜରେ ୮ ବର୍ଷ ରହିବା ପରେ ୧୯୧୯ରେ ମହୀଶୁର ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗରେ ବିଭାଗୀୟ ମୁଖ୍ୟ ଭାବରେ ଯୋଗଦେଲେ । ଏହି ସମୟରେ ତାଙ୍କର ଗବେଷଣା ସମ୍ବଳିତ ଉଚ୍ଚକୋଟୀର ଦାର୍ଶନିକ ପ୍ରବନ୍ଧମାନ ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ ଏଥିକ୍ସ, ମନିଷ୍ଟ, କ୍ଲେଷ୍ଟ ସମେତ ଦେଶର ବିଭିନ୍ନ ପ୍ରମୁଖ ପତ୍ରପତ୍ରିକାରେ ପ୍ରକାଶିତ ହେଲା । କ୍ରମେ ସର୍ବଭାରତୀୟ ସ୍ତରରେ ଜଣେ ପ୍ରତିଭାସମ୍ପନ୍ନ ଦାର୍ଶନିକ ଭାବରେ ସ୍ୱୀକୃତି ଲାଭ କରି ବିପୁଳ ପ୍ରଶଂସା ଲାଭ କରିଥିଲେ ।

୧୯୨୧ରେ ରାଧାକୃଷ୍ଣନ ମହୀଶୂରରୁ କଲିକତା ଯାଇ ସେଠାରେ ୧୯୩୧ ମସିହା ପର୍ଯ୍ୟନ୍ତ କଲିକତା ବିଶ୍ୱବିଦ୍ୟାଳୟର ସମ୍ରାଟ ପଞ୍ଚମ ଜର୍ଜ ଦର୍ଶନ ଚେୟାର ପ୍ରଫେସର ପଦବୀରେ ଅଧିଷ୍ଠିତ ହୋଇଥିଲେ । ସେ ପି.ଏଚ୍.ଡି ଏବଂ ଡି.ଏସ.ସି ଉପାଧି ମଧ୍ୟ ପାଇଥିଲେ । ୧୯୨୬ରେ ଅକ୍ସଫୋର୍ଡ ମାଞ୍ଚେଷ୍ଟର ମହାବିଦ୍ୟାଳୟ ତରଫରୁ ହିନ୍ଦୁ ଜୀବନର ଦର୍ଶନ ଉପରେ ଏକ ବକୃତା ପ୍ରଦାନ ପାଇଁ ନିମନ୍ତ୍ରିତ ହୋଇଥିଲେ । କଲିକତା ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କାଳରେ ରାଧାକୃଷ୍ଣନ ହାଭାର୍ଡ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଦର୍ଶନ କଂଗ୍ରେସରେ ପ୍ରତିନିଧିତ୍ୱ କରିଥିଲେ । ୧୯୨୯ରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ମାଞ୍ଚେଷ୍ଟର ମହାବିଦ୍ୟାଳୟର ପ୍ରାଚ୍ୟ ଧର୍ମ ବିଭାଗରେ ଅଧ୍ୟାପକ ରୂପେ ଯୋଗଦେଇ ଧର୍ମ-ନୀତି, ଆଦର୍ଶ ଉପରେ ପର୍ଯ୍ୟବେଶିତ ଅନେକ ନିବନ୍ଧ ଉପସ୍ଥାପନା ପାଇଁ ସୁଯୋଗ ପାଇଥିଲେ । ଆଦର୍ଶ ଓ ନୈତିକତାକୁ ମୂଳନୀତି କରି ସଭ୍ୟତା ଗଢିଉଠେ ବୋଲି ସେ ପ୍ରତିପାଦିତ କରିଥିଲେ । କିଛିକାଳ ପାଇଁ ସେ ଚିକାଗୋ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ଅଧ୍ୟାପକ ରୂପେ ମଧ୍ୟ କାର୍ଯ୍ୟ କରିଥିଲେ ।

ଅଧ୍ୟାପକ ରୂପେ ରାଧାକୃଷ୍ଣନଙ୍କ ଅଧ୍ୟୟନ ଓ ଅଧ୍ୟାପନା ସ୍ମରଣୀୟ । ମୂଲ୍ୟବୋଧଭିତ୍ତିକ ଶିକ୍ଷାର ବିକାଶ ପାଇଁ ସେ କାର୍ଯ୍ୟ କରିଥିଲେ । ୧୯୩୫ରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ହେଲେ । କୁଳପତିତ୍ୱ ସମୟରେ ପ୍ରଶାସନିକ ପରିଚାଳନାଗତ ଦକ୍ଷତା ଯୋଗୁଁ ସେ ମହାତ୍ମା ଗାନ୍ଧୀଙ୍କ ପ୍ରିୟଭାଜନ ହୋଇପାରିଥିଲେ । ଗାନ୍ଧିଜୀଙ୍କ ପରାମର୍ଶ ଅନୁଯାୟୀ ମଦନମୋହନ ମାଳବ୍ୟ ତାଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଗ୍ରହଣ କରିବା ପାଇଁ ଅନୁରୋଧ କରିବାରୁ ସେ ୧୯୩୯ରୁ ୧୯୪୮ ପର୍ଯ୍ୟନ୍ତ ଏହି ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିଲେ । ୧୯୪୪ରେ ଇଣ୍ଡିଆ-ଚାଇନା ଏଜୁକେସନ, ପଲିଟିକ୍ସ ଆଣ୍ଡ ଓ୍ୱାର ଇତ୍ୟାଦି ତାଙ୍କର ବହୁ ଉପାଦେୟ ପୁସ୍ତକ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଚଳିତ ପାଠ୍ୟକ୍ରମରେ ପ୍ରଚଳିତ ହୋଇଥିଲା । ଭାରତୀୟ ଦର୍ଶନ କଂଗ୍ରେସର ସଭାପତି, ମିଳିତ ଜାତିସଂଘ ଶିକ୍ଷା ଓ ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ଏବଂ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗର ଅଧ୍ୟକ୍ଷ ଆଦି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ଶିକ୍ଷାକ୍ଷେତ୍ରରେ ଥିବା ସମସ୍ୟା ଓ ତ୍ରୁଟିବିଚ୍ୟୁତିକୁ ଭଲଭାବେ ଅନୁଧ୍ୟାନ କରି ଶିକ୍ଷାକ୍ଷେତ୍ରରେ ଥିବା ବିଭିନ୍ନ ଆବଶ୍ୟକତା କିପରି ପୂରଣ କରାଯାଇପାରିବ ସେ ସମ୍ପର୍କରେ ସରକାରଙ୍କୁ ବହୁ ଗଠନମୂଳକ ତଥା ଉପାଦେୟ ରିପୋର୍ଟ ପ୍ରଦାନ କରିଥିଲେ ।

ଏକାଧାରରେ ରାଧାକୃଷ୍ଣନ ଜଣେ ଆଦର୍ଶ ଶିକ୍ଷକ, ସଫଳ ପ୍ରଶାସକ, ବିଶ୍ୱବିଖ୍ୟାତ ଦାର୍ଶନିକ, କୁଟନୀତିଜ୍ଞ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖକ, ସୁବକ୍ତା, ସମାଲୋଚକ, ସଂସ୍କାରକ, ଶିକ୍ଷାବିତ୍ ତଥା ମାନବବାଦର ମହାନ ପ୍ରବକ୍ତା ଥିଲେ । ବ୍ରିଟିଶ ଏକାଡେମୀ ତାଙ୍କୁ ଫେଲୋସିପ୍ ଅଫ ଅଲ ସୋଲସ, ଏବଂ କଲିକତା ବିଶ୍ୱବିଦ୍ୟାଳୟ ଏଲ.ଏଲ.ଟି ଉପାଧି ପ୍ରଦାନ କରିଥିଲେ । ଆମେରିକାର ଏଡନବରୋ ବିଶ୍ୱବିଦ୍ୟାଳୟ ଏବଂ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟର ଅଫ ଲ, ବକିଂହାମ ରାଜପ୍ରସାଦରେ ତାଙ୍କୁ ଦେଶର ସର୍ବୋଚ୍ଚ ଅଡର ଅଫ ମେରିଟ ପ୍ରଦାନ କରାଯାଇଥିବା ବେଳେ ମଙ୍ଗୋଲିଆ ସରକାର ଜ୍ଞାନଗୁରୁ, ଭାରତୀୟ ବିଦ୍ୟାଭବନ ତାଙ୍କୁ ବିଦ୍ୟାଭାସ୍କର ଉପାଧିରେ ଭୂଷିତ କରିଥିଲେ ।

୧୯୪୯ରେ ଏହି ମହାନ ବ୍ୟକ୍ତି ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହରଲାଲ ନେହେରୁଙ୍କ ଦ୍ୱାରା ସୋଭିଏତ ସଂଘ ରାଷ୍ଟ୍ରଦୂତ ଭାବରେ ଅବସ୍ଥାପିତ ହେଲେ । ଏହି ସମୟରେ ସେ ଉପନିଷଦକୁ ଇଂରାଜୀ ଭାଷାରେ ଅନୁବାଦ କରିଥିଲେ । ସେତେବେଳେ ଷ୍ଟାଲିନ୍ ସୋଭିଏତ୍ ରୁଷର ସର୍ବମୟ କର୍ତ୍ତା ଥାଆନ୍ତି । ଆବଶ୍ୟକସ୍ଥଳେ ତାଙ୍କ ସହ ସାକ୍ଷାତ କରିବା ଜଣେ ସାଧାରଣ ପଦାଧିକାରୀଙ୍କ ପାଇଁ କଷ୍ଟସାଧ୍ୟ ବ୍ୟାପାର ଥିଲା । ମାତ୍ର ଭାରତର ଜଣେ ବିଶ୍ୱବିଖ୍ୟାତ ଦାର୍ଶନିକ ତାଙ୍କ ଦେଶକୁ ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପାଇ ପ୍ରେରିତ ହୋଇଥିବା ଜାଣିବା ପରେ ଷ୍ଟାଲିନ୍ ନିଜ ତରଫରୁ ସାକ୍ଷାତକାର ପାଇଁ ରାଧାକୃଷ୍ଣନଙ୍କୁ ନିମନ୍ତ୍ରଣ ଜଣାଇଥିଲେ । ତାଙ୍କ ଚେଷ୍ଟା ଯୋଗୁଁ ରୁଷ ଓ ଭାରତ ମଧ୍ୟରେ ଥିବା ବନ୍ଧୁତା ଅତି ସୁଦୃଢ଼ ହୋଇପାରିଥିଲା । ମାତ୍ର ଶାରୀରିକ ଅସୁସ୍ଥତା ତାଙ୍କୁ ବିଦେଶରେ ବେଶୀ ଦିନ ରଖାଇ ପାରି ନ ଥିଲା । ଫଳରେ ସେ ଭାରତକୁ ଫେରିଆସି ୧୯୫୨ରେ ସବୁ ଦଳର ସମର୍ଥନରେ ସର୍ବସମ୍ମତିକ୍ରମେ ଦେଶର ଉପରାଷ୍ଟ୍ରପତି ହେଲେ ଏବଂ ରାଜ୍ୟସଭାର ଅଧ୍ୟକ୍ଷ ଭାବରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ।

୧୯୬୨ ମଇ ୧୨ରେ ସେ ଭାରତର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ପଦକୁ ନିର୍ବାଚିତ ହୋଇଥିଲେ । ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ପରେ ତାଙ୍କ ଜୟନ୍ତୀ (ଜନ୍ମତିଥି) ପାଳନ ପାଇଁ ଯେତେବେଳେ ତାଙ୍କୁ ପଚରାଗଲା ସେ କହିଲେ, "ମୁଁ ଜଣେ ସାଧାରଣ ଶିକ୍ଷକ । ଶିକ୍ଷକତାରୁ ଆସି ମୁଁ ଭାରତର ସର୍ବୋଚ୍ଚ ରାଷ୍ଟ୍ରପତି ପଦ ଅଧିକାର କରିପାରିଛି । ମୋ ଜନ୍ମତିଥିରେ ମୋତେ ସମ୍ମାନିତ ନକରି ଯଦି ସମଗ୍ର ଗୁରୁକୁଳକୁ ସମ୍ମାନିତ କରାଯାଏ, ତେବେ ତାହା ମୋ' ପାଇଁ ଶ୍ରେଷ୍ଠ ସମ୍ମାନ ହେବ ।" ଫଳରେ ତାଙ୍କ ଇଚ୍ଛାନୁସାରେ ୧୯୬୨ ମସିହାଠାରୁ ସେପ୍ଟେମ୍ବର ୫ ତାରିଖକୁ ସମଗ୍ର ଦେଶରେ ଗୁରୁଦିବସ ରୂପେ ପାଳନ କରାଯାଉଅଛି ।

# ବନ୍ୟାବିପନ୍ନଙ୍କୁ ସାହାଯ୍ୟ ଓ ସହଯୋଗ କଲେ ଅହମଦୀୟା ଯୁବସଂଗଠନ



ଭୁବନେଶ୍ୱର (ପିଏନ୍): ୟୁନିଟ-୪ ସ୍ଥିତ ଅହମଦୀୟା ମୁସଲିମ ଯୁବସଂଗଠନ ମଜଲିସ ଖୁଦ୍ଦାମୁଲ ଅହମଦୀୟା ପକ୍ଷରୁ ପିପିଲି ସ୍ଥିତ ଜମ୍ବୁଲି ଗାଁର ୯୦ ପରିବାରଙ୍କ ମଧ୍ୟରେ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ବର୍ଷା ଓ ବନ୍ୟା ଜଳରେ ପ୍ରଭାବିତ ଏହି ଗାଁରେ ଲୋକମାନେ ବଡ ଅସୁବିଧାରେ ରହୁଥିଲେ । ଶୁଖିଲା ଖାଦ୍ୟ ସହ ୬ ଗୋଟି ଘରେ ଆବଶ୍ୟକ ଅନୁଯାୟୀ ପ୍ଲାଷ୍ଟିକ ପାଲ ମଧ ବିତରଣ କରାଯାଇଛି । ଅହମଦୀୟା ମୁସଲିମ ସଂଗଠନ ଏପରି ଗରିବ ଦିନ ଦରିଦ୍ର ଲୋକଙ୍କ ସେବାକୁ ହିଁ ମାଧବ ସେବା ବୋଲି ବିଶ୍ୱାସ କରି ମାନବ କଲ୍ୟାଣକାରୀ ସେବା କାର୍ଯ୍ୟ କରିଆସୁଛି । ଏହି କାର୍ଯ୍ୟକ୍ରମରେ ଅହମଦୀୟା ମୁସଲିମ ଯୁବ ସଂଗଠନର ସଭାପତି ସମିର ଅହମଦ, ମୌଲାନା ଫଜଲ ହକ ଖାଁ, ଯୁବସଂଗଠନର ଉପସଭାପତି ସେକ ରମଜାନ, ମୁଖତାର ଅଲ୍ଲି ଏବଂ ସେକ ସୁଲତାନ ଯୋଗ ଦେଇଥିଲେ । ପ୍ରକାଶ ଥାଉ କି ଅହମଦୀୟା ମୁସଲିମ ସଂଗଠନ ସମଗ୍ର ଦେଶରେ ହଜାର ହଜାର ସଂଖ୍ୟାରେ ଲୋକମାନଙ୍କୁ ସାହାଯ୍ୟ ଓ ସହଯୋଗ କରି ଆସୁଛି । ଆଗକୁ ଏହିଭଳି ଆହୁରି କାର୍ଯ୍ୟକ୍ରମ ରହିଛି ବୋଲି ମୌଲାନା ଫଜଲ ହକ ଖାଁ ସୂଚନା ଦେଇଛନ୍ତି ।

# ଭୁବନେଶ୍ୱର ଭସାଣୀ ଉତ୍ସବ ସମିତିର ନୂତନ କର୍ମକର୍ତ୍ତା ନିର୍ବାଚିତ



ଭୁବନେଶ୍ୱର (ପିଏନ୍): ଶହୀଦ ନଗର ଦୁର୍ଗାପୂଜା ମଣ୍ଡପରେ ଭୁବନେଶ୍ୱର ଭସାଣୀ ଉତ୍ସବ ସମିତିର ସାଧାରଣ ସଭା ଅନୁଷ୍ଠିତ ହୋଇ ଚଳିତବର୍ଷ ମା ଦୁର୍ଗାଙ୍କ ଭସାଣୀ ଉତ୍ସବ ଶାନ୍ତି ଶୃଙ୍ଖଳା ଓ ଭାଇଚାରା ଭିତ୍ତିରେ କରିବା ପାଇଁ ନିଷ୍ପତ୍ତି ନିଆଯିବା ସହିତ ଆସନ୍ତା ତିନିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ବିଭିନ୍ନ ପୂଜା ସମିତିର ଦେହାନ୍ତ ହୋଇଥିବା କର୍ମକର୍ତ୍ତାମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅନୁଷ୍ଠାନର ଆସନ୍ତା ତିନିବର୍ଷ ପାଇଁ ହୋଇଥିବା ନିର୍ବାଚନରେ ମୁଖ୍ୟ ଉପଦେଷ୍ଟା ଭାବେ ରବିନ୍ଦ୍ରନାଥ ବିଶ୍ୱାଳ, ଉପଦେଷ୍ଟା ଭାବେ ସୁଧୀର ଶତପଥୀ, ଧରଣୀଧର ଜେନା, ସୁକାନ୍ତ କୁମାର ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ରବିନ୍ଦ୍ର ନାୟକ ଓ ପ୍ରଭାସ କୁମାର ସୁନ୍ଦରାଏ, ସଭାପତି ଭାବେ ଡାକ୍ତର ଜଗନ୍ନାଥ ମହାପାତ୍ର, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାସ, ଉପସଭାପତି ଭାବେ ମନେନ୍ଦ୍ର କୁମାର ଦାସ, ଦିଲ୍ଲୀପ ଦାଶଶର୍ମା, ଜ୍ୟୋତିଷ କୁମାର ସାହୁ, ଉପେନ୍ଦ୍ର କୁମାର ପାଇକରାଏ, ସୁରେଶ ଚନ୍ଦ୍ର ରାଉତରାୟ, ଗିରିଶ ଚନ୍ଦ୍ର ରାଉତ, ପ୍ରଭାତ କୁମାର ପରିଡ଼ା, ଦେବରାଜ ମହାନ୍ତି, ଉଗ୍ରସେନ ମଙ୍ଗରାଜ, ସୁଶାନ୍ତ କୁମାର ଜେନା ଓ ରାଜେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଭାବେ ହରିଶ ପ୍ରସାଦ ରଥ, ସମ୍ପାଦକ ଶିବସୁନ୍ଦର ଛୋଟରାୟ, ଯୁଗ୍ମ ସମ୍ପାଦକ ଭାବେ ବିଭୂତି ଭୂଷଣ କର, ପ୍ରମୋଦ କୁମାର ସାହୁ, ସୁବଳ ବେହେରା, ବିମଳ କୁମାର ମଣ୍ଡଳ, ବସନ୍ତ କୁମାର ସାହୁ, କୃତାର୍ଥ ପ୍ରଧାନ, ଗଗନ ବିହାରୀ ବସ୍ତିଆ, ଶିବନାରାୟଣ ରାଏ, ବିଜୟ କୁମାର ଚୌଧୁରୀ ଓ ସତ୍ୟବ୍ରତ ନାୟକ, କୋଷାଧ୍ୟକ୍ଷ ଭାବେ ଅଚ୍ୟୁତ ପ୍ରସାଦ ବେହେରା, ସହ କୋଷାଧ୍ୟକ୍ଷ ବିଜୟ କୁମାର ଦାସ ଓ ମିଡ଼ିଆ କନଭେନର ଭାବେ ସନତ ମିଶ୍ର ପ୍ରମୁଖ ନିର୍ବାଚିତ ହୋଇଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ନଭେମ୍ବର ୨୦

# ଇଶ୍ୱରଙ୍କୁ ପାଇବା କେଉଁଠି



ଅନୀତା ପଟ୍ଟନାୟକ

ଥରେ ଶ୍ରୀଗୋପାଳ ବୋଲି ଏକ ପିଲାଟିକୁ ବିଷଧର ସର୍ପଟିଏ କାମୁଡ଼ି ଦେଲା । ତାକୁ ଅନେକ କଷ୍ଟ ହେଲା । ଡାକ୍ତରବାବୁଙ୍କ ପାଖକୁ ଯିବାରୁ ସେ ତାକୁ ଏକ ଭଲ ଉପଶମକାରୀ ମଲମ ଦେଲେ । ତାକୁ କହିଲେ ଯେଉଁ ଯାଗାରେ ସାପ ଦଂଶନ କଲା ସେଠାରେ ମାଲିସ କରିଦିଅ ଦେଖିବ ତୁମର ସର୍ପକ୍ଷତ ଭଲ ହୋଇଯିବ। ଶ୍ରୀଗୋପାଳ କିଛି ସମୟ ପରେ ଯନ୍ତ୍ରଣାରେ ରଡ଼ି ଛାଡ଼ିବାରୁ ଗ୍ରାମର କିଛି ଲୋକ ତାକୁ ଡାକ୍ତର ବାବୁଙ୍କ ପାଖକୁ ପୁଣି ନେଇ ଆସିଲେ । ଗାଁ ଲୋକମାନେ କହିଲେ ଶ୍ରୀଗୋପାଳ ବିଷଜ୍ୱାଳା ସହି ପାରୁନାହିଁ ତାକୁ କିଛି ଭଲ ଔଷଧ ଦିଅନ୍ତୁ । ଡାକ୍ତରବାବୁ କହିଲେ ଏଥର ମୁଁ ଏକ ଶକ୍ତିଶାଳୀ ମଲମ ଦେଉଛି । ତୁମର ଦେହ ନିଶ୍ଚୟ ଭଲ ହୋଇଯିବ। କିନ୍ତୁ ମଲମଟି ସର୍ପ ଯେଉଁଠାରେ କାମୁଡ଼ିଛି ସେଠାରେ ଲଗାଇବ। କିଛି ସମୟ ପରେ ଶ୍ରୀଗୋପାଳ ନୀଳ ପଡ଼ିଗଲା। ତାର ବାପା ମା ବନ୍ଧୁବାନ୍ଧବ ବ୍ୟସ୍ତ ହୋଇ ଡାକ୍ତର ବାବୁ ଏ କ'ଣ କଲ ଔଷଧ କାମ କରୁନାହିଁ, ପିଲାଟି ମରିବାକୁ ଯାଉଛି କିଛି କରନ୍ତୁ ବୋଲି ଅନୁରୋଧ କଲେ। ଡାକ୍ତର ବାବୁ କହିଲେ ଶ୍ରୀଗୋପାଲ ତ ଭଲ ହୋଇଯିବା କଥା ସେ ତାକୁ ପଚାରିଲେ ସେ ମଲମ କେଉଁଠାରେ ଲଗାଇଲା। ସେ କହିଲେ ଗୋଟିଏ ଚାଳଘର ନିକଟରେ କାନ୍ଥ ଫାଙ୍କରୁ ବାହାରି ସାପଟି ମତେ କାମୁଡ଼ି ଥିଲା। ମୁଁ ସେହି କାନ୍ଥରେ ଆପଣ ଦେଇଥିବା ମଲମକୁ ସୁନ୍ଦର ଭାବେ ଲଗାଇଛି। ଡାକ୍ତର ବାବୁ କ'ଣ କରିବେ ବା କହିବେ କେବଳ ବଲ ବଲ ହୋଇ ତା ମୁହଁକୁ ଚାହିଁ ରହିଲେ।

ମଣିଷ ସମାଜରେ ଏହିପରି କେତେକ ଲୋକ ଅଛନ୍ତି। ଯେଉଁମାନେ କି ବହୁ ଶାସ୍ତ୍ର ପଢ଼ିଛନ୍ତି। ଯୁଗ ପୁରୁଷଙ୍କର ବାଣୀ ପଢ଼ନ୍ତି। ଭଗବାନ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ ଏ କଥା କୁହନ୍ତି। କିନ୍ତୁ ତାଙ୍କୁ ହୃଦୟଙ୍ଗମ କରିପାରନ୍ତି ନାହିଁ। କାରଣ ସେମାନେ ଭଗବାନଙ୍କୁ ବାହାରେ ଖୋଜନ୍ତି। ମନ୍ଦିର ମସଜିଦ ଗୀର୍ଜା ଓ ଗୁରୁଦ୍ୱାର ଯାଇ ପୂଜାର୍ଚ୍ଚନା କରନ୍ତି। ସେହିପରି ବିଭ୍ରାନ୍ତବାବୁ ବୋଲି ଜଣେ ଲୋକ ଥିଲେ ସେ ଭାରି ତରବରିଆ ତେଣୁ ତାଙ୍କର ସବୁବେଳେ ଜିନିଷ ପତ୍ର ହଜିଯାଏ। ସେ ତାକୁ ପାଇବା ପାଇଁ ବ୍ୟସ୍ତ ହୋଇ ଏଣେ ତେଣେ ଖୋଜନ୍ତି। ଦିନେ ସେ ଅଫିସ ବାହାରିବା ବେଳକୁ ପକେଟରେ ମାରିଥିବା କଲମଟିକୁ ଖୋଜିବାକୁ ଲାଗିଲେ। ତାଙ୍କ ଝିଅ ଅନନ୍ୟା କହିଲା ବାପା କ'ଣ ଖୋଜୁଛ? ସେ କହିଲେ ମୋର କଲମଟି ହଜିଯାଇଛି। ଅନନ୍ୟା ହସି ହସି କହିଲା ବାପା ତୁମେ ପକେଟରେ ରଖିଛ। ଏହିପରି କିଛି ଲୋକ ଥାଆନ୍ତି ଯେଉଁମାନେ କି ନିଜ ଭିତରେ ଭଗବାନ ଥିଲେ ମଧ୍ୟ ବାହାରେ ଖୋଜିବାକୁ ଯାଇ ଶ୍ରୀମନ୍ଦିର, କେଦାରନାଥ, ବଦ୍ରୀନାଥ, ରାମେଶ୍ୱର ପ୍ରଭୃତିକୁ ଭିଡ଼ ଭିତରେ ଯାଇ ମରନ୍ତି ଓ ଦୀପ ଜାଳି ପବିତ୍ର ନଦୀରେ ସ୍ନାନ କରି ଫୁଲପତ୍ର ମହମବତୀ, କଦଳୀ ଚୋପା ପକାଇ ତାର ପବିତ୍ର ଜଳକୁ ପ୍ରଦୂଷିତ କରନ୍ତି। ଥରେ ଗୋଟିଏ ବୁଢ଼ୀଟିଏ ଥିଲା ସେ ବିଜୁଳବତୀ ତଳେ କଣ ଗୋଟିଏ ଖୋଜୁଥିଲା। ନନ୍ଦଗୋପାଲ ବୋଲି ଏକ ପିଲା ପଚାରିଲା ଆଇ କଣ ଖୋଜୁଛୁ। ବୁଢ଼ୀଟିଏ କହିଲା 'ବାପାରେ ମୋ କାନଫୁଲଟି କେଉଁଠି ହଜିଯାଇଛି। ପିଲାଟି କହିଲା କେଉଁଠାରେ ପକାଇଲ ବୋଲି ଜାଣିଲ। ବୁଢ଼ୀ କହିଲା ରୋଷେଇ କଲାବେଳେ ରୋଷେଇ ଘରେ ପଡ଼ିଗଲା। ପିଲାଟି କହିଲା ତେବେ ଏଠି କାହିଁକି ଖୋଜୁଛ? ବୁଢ଼ୀଟି କହିଲା ଆରେ ପୁଅ ରୋଷେଇ ଘରେ ଆଲୁଅ ନାହିଁ ଖୋଜିବି କେଉଁଠୁ?' କେତେକ ଲୋକ ଅଛନ୍ତି ସେମାନେ ଭାବନ୍ତି ପୃଥିବୀର ଅଣୁ ପରମାଣୁରେ ଭଗବାନ ବିଦ୍ୟମାନ। ସେମାନେ ଏହା ମଧ୍ୟ ଶୁଣିଛନ୍ତି ବ୍ରହ୍ମସ୍ଥ ଜଗତ ମିଥ୍ୟା। ବ୍ରହ୍ମ ମଣିଷ ଭିତରେ ବିଦ୍ୟମାନ ଏକଥା ଭୁଲି ଯାଇ ନିଜର ମୁଣ୍ଡଟିକୁ ଗୋଟିଏ ସ୍ଥାନରେ ବିକ୍ରୀ ହେଉଥିବା ବ୍ୟବସାୟିକ କେନ୍ଦ୍ର ମଲରେ ଭଗବାନଙ୍କୁ ଖୋଜନ୍ତି। ଆଉ ଦଳେ ଲୋକ ଅଛନ୍ତି ଗୀତା, କୋରାନ, ବାଇବେଲ ଭଗବତ ପ୍ରଭୃତି ଯଦି ଗୁଡ଼ାଏ ଜ୍ଞାନ ଆହରଣ କରିଛନ୍ତି ତୁମେ ଏସବୁ ପଢ଼ି ଭଲ ପ୍ରବଚକ ହୋଇପାର। ବଦବଦା ସହିତ ଧର୍ମର କୌଣସି ସମ୍ପର୍କ ନାହିଁ। ପୁସ୍ତକରେ, ଧର୍ମ ଓ ଧାର୍ମିକ ମନୁଷ୍ୟ ବିଷୟରେ ଲେଖାଯାଇଛି। ଗୀତାରେ ଅର୍ଜୁନଙ୍କୁ କିଛି ଉପଦେଶ ଦିଆଯାଇଛି କିନ୍ତୁ ପ୍ରତ୍ୟେକ ମନୁଷ୍ୟକୁ ସେ ନିଜ ଭିତରେ କିପରି ଭଗବାନଙ୍କୁ ପାଇବ ତାର ଗୀତା ତାକୁ ନିଜକୁ ଲେଖିବାକୁ ପଡ଼ିବ। ପର୍ବପର୍ବାଣୀ ପାଳନ କଲେ ଜଣେ ଧାର୍ମିକ ହୋଇଯାଇ ନାହିଁ। ବିଦବତା ଦ୍ୱାରା ସମାଜରେ ସମ୍ମାନ ପାଇହୁଏ ଧାର୍ମିକ ଗୁରୁ ଭାବେ ଧର୍ମ ଅନୁଷ୍ଠାନରେ ଜଣେ ସ୍ଥାପିତ କରିପାରେ ଏସବୁ ନିର୍ବାଚନରେ ଜିତି ମନ୍ତ୍ରୀ ପଦ ପାଇବା ପରି। ତେଣୁ ଆମେ କାମନା ବାସନା ଶୂନ୍ୟ ହେବା ଉଚିତ ଓ ଭିତରେ ଥିବା ବ୍ରହ୍ମ ବା ଭଗବାନଙ୍କୁ ଚିହ୍ନିବାକୁ ଚେଷ୍ଟା କରିବା ଉଚିତ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ଗୋଦାବରୀଶ : ନିଆଁଖୁଣ୍ଟାର ଖୁଣ୍ଟ

**ବିପିନ ବିହାରୀ ରାଉତ**

ଗୋଦାବରୀଶ ମହାପାତ୍ର ନାମ ଉଚ୍ଚାରଣ କଲାମାତ୍ରେ ମନେପଡ଼େ ନିଆଁଖୁଣ୍ଟା। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରକାଶିତ ଓ ସଂପାଦିତ ଏହି ସମାଲୋଚନାଧର୍ମୀ ବ୍ୟଙ୍ଗ ପତ୍ରିକା ସମାଜକୁ ଠିକଣା ବାଟରେ ଚଳାଇବା ପାଇଁ ଜାଗ୍ରତ ପ୍ରହରୀ ଭୂମିକା ତୁଲାଇଉଥିଲା। ଏହି ପତ୍ରିକାର ଉତ୍କୃଷ୍ଟତମ ଅଂଶ ଥିଲା ଗୋଦାବରୀଶଙ୍କ ରାଜନୈତିକ ବ୍ୟଙ୍ଗ ବିଦ୍ରୂପ। ଓଡ଼ିଶାର ଜଣେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଏଥିରେ ଲେଖିଥିଲେ – 'ମୂର୍ଖ ଦେଶରେ ଡାକ୍ତର ହେଲି କାହିଁରେ ନ କରି ପାସ୍, ଡୁଡୁମାରୁ ମୁହିଁ ଆନ୍ଦ୍ରକୁ ଦେଲି ଗଡ଼ଜାତ କରି ଖାସ୍।' ସେହିପରି ବାହାରୁ ଆସିଥିବା ରାଜନୀତିକ ବିଚାରର ମଞ୍ଜିକୁ ଭାରତ ମାଟିରେ ରୋପଣ କରିବାର ବ୍ୟର୍ଥ ଉଦ୍ୟମ କରିଥିବା କମ୍ୟୁନିଷ୍ଟ ନେତାମାନଙ୍କୁ ବ୍ୟଙ୍ଗ କରି ଲେଖିଥିଲେ ରୋମଂ ଗୋବିନ୍ଦ ପୂର୍ବକଂ ଦଳପତିଂ ନେତା ଗତି ମୋହନଂ, ଚୀନଜଂ ଶ୍ରୀଗୁରୁଚରଣଂ ପେକିଂପ୍ରିୟ ଧାର୍ମିକ, ବ୍ୟାଜେନ୍ଦ୍ରଂ ସାଠ୍ୟସନ୍ଧଂ ମାଉଚାଉ ତନୟ କାମଳଂ ଭ୍ରାନ୍ତମୂର୍ତ୍ତି, ନିନ୍ଦେ ଲୋକଦିରାମଂ ଚୀନକୁଳ ତିଳକଂ ଦାନବଂ ଭାରତାରିମ୍। ତାଙ୍କ ସମୟରେ ବିଶିଷ୍ଟ କମ୍ୟୁନିଷ୍ଟ ନେତାମାନଙ୍କ ନାମ ଏହି ପଦ ମଧ୍ୟରେ କ୍ଳୃପ୍ତରେ ସଂଯୋଜିତ। ନିଆଁଖୁଣ୍ଟାରେ ପ୍ରକାଶିତ ଡାମରାକାଉ ଗୋଦାବରୀଶଙ୍କ ସାମ୍ବାଦିକ ପ୍ରତିଭାର ଏକ ଚମତ୍କାର ପରିପ୍ରକାଶ ଓ ଅଭିନବ ଉଦ୍ଭାବନ। ଓଡ଼ିଆ ପଲ୍ଲୀଗୀତ ଅବଲମ୍ବନରେସେ ଏଥିରେ ସମାଜ, ରାଜନୀତି ଓ ପ୍ରଶାସନର ଅନ୍ଦିକନ୍ଦି ଅନୁସନ୍ଧାନ କରୁଥିଲେ। ଡାମରାକାଉ ହେଉଛି, କେଉଁଥିରେ ସଂପୃକ୍ତି ନରଖି ଅପ୍ରିୟ ସତ୍ୟ କହୁଥିବା ଚରିତ୍ର। ଅତୀତର କୌଣସି ଲୋକପ୍ରିୟ ରଚନାର ବ୍ୟଙ୍ଗାନୁକରଣକୁ ଲାଳିକା କୁହାଯାଏ। ଓଡ଼ିଆ ସାହିତ୍ୟରେ ଏହାର ପ୍ରବର୍ତ୍ତକ ଫକୀରମୋହନ ସେନାପତି। ପରେ ଏହାକୁ ଲୋକପ୍ରିୟ କରାଇଥିଲେ ଗୋଦାବରୀଶ, କାନ୍ତିକବି ଲକ୍ଷ୍ମୀକାନ୍ତ ଓ ଫତୁରାନନ୍ଦ। ବଜାରରେ ହେଉଥିବା କୃତ୍ରିମ ଅଭାବ, ଦରବୃଦ୍ଧି ଓ ଅପମିଶ୍ରଣକୁ ଲକ୍ଷ୍ୟ କରି ଭକ୍ତକବି ମଧୁସୂଦନଙ୍କ ନିର୍ବାସିତର ବିଳାପର ବ୍ୟଙ୍ଗ କରିଥିଲେ ସେ ବରଂ ନିବାସ ଭଲ କାରାଗାରରେ, ଖାଣ୍ଟି ସୋରିଷ ତେଲ ଯେଉଁଠି ମିଳେ, ଖୋଲା ବଜାରେ କିନ୍ତୁହୋଇ ସ୍ୱାଧୀନ, ନିପଟ ବୋକା ଛଡ଼ା ନହେବ ଆନ।

ଗୋଦାବରୀଶ ମଧ୍ୟ ଥିଲେ ଜଣେ ରସବନ୍ତ ପ୍ରାଣ କବି। ଲେଖିଛନ୍ତି ଏ ଘରେ ଝୁଲେ ସେମିଜି ସାୟା, ସେ ଘରେ ତାର ବେଣୀ, ଆହା କେମିତି ଗଢ଼ା ଚଳେ, ଏ ପାଖେ ହସେ ମାନିନୀ ମାୟା, ସେପଟେ ରାଧାରାଣୀ, ମୁଁ ଗୋ ଦଉଡି ଦେବି ଗଳେ। ଉଭୟ ଗଦ୍ୟ ଓ ପଦ୍ୟ ରଚନାରେ ସେ ଥିଲେ ଅଦ୍ୱିତୀୟ। ସେ ବ୍ୟକ୍ତି ନଥିଲେ, ଥିଲେ ଏକ ଅନୁଷ୍ଠାନ। ପାଖରେ ଡିଗ୍ରୀ ନଥିଲା କେବଳ ଶକ୍ତିଶାଳୀ ଲେଖନୀ। ଆଉ ସେହି ଲେଖନୀର ଏ ଭଳି ଆଲୋଡନକାରୀ ଶକ୍ତି ଥିଲା, ଯାହାକୁ କେହି ଅସ୍ୱୀକାର କରିପାରୁ ନଥିଲେ। ପୁଣି ସେ ଜଣେ ଏଭଳି ସାହିତ୍ୟିକ, ଯିଏ ନିଜ ଜୀବନରେ ପ୍ରମାଣିତ କରିଯାଇଛନ୍ତି ଯେ ସାହିତ୍ୟ ଚର୍ଚ୍ଚା ଏକ ସମ୍ମାନଜନକ ଜୀବିକା ହୋଇପାରେ। ୧୯୬୫ ନଭେମ୍ବର ୨୫ ତାରିଖ ଦିନରେ ତାଙ୍କର ଦେହାନ୍ତ ହୋଇଥିଲା।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

# ଆଧ୍ୟାତ୍ମିକ ପ୍ରତୀକ ସର୍ବବ୍ୟାପୀ ଶିରିଡ଼ି ସାଇ

**ତପନ କୁମାର ପତି**

ଶିରିଡ଼ି ସାଇବାବା ଏକ ଆଧ୍ୟାତ୍ମିକ ପ୍ରତୀକ ଯାହାଙ୍କର ଶିକ୍ଷା ଓ ଜୀବନ ସମସ୍ତଙ୍କ ପାଇଁ ପ୍ରେରଣା ଓ ଜୀବନର ଦିଗ ବାରେଣୀ ଶିକ୍ଷା ଦେଇଥାଏ। ବାସ୍ତବିକ ସାଇବାବା କେବଳ ଜଣେ ଦିବ୍ୟ ଆତ୍ମା ନୁହଁନ୍ତ ବରଂ ଆମ ମନରେ ସଦାସର୍ବଦା ବିରାଜିତ ଓ ଆମ୍ଭ ମାନଙ୍କ ଆଧ୍ୟାତ୍ମିକ ଜୀବନରେ ଅବସ୍ଥିତ ଅଛନ୍ତି। ଅନେକ ସମୟରେ ଆମ୍ଭ ମାନଙ୍କ ଭିତରେ ପ୍ରଶ୍ନ ଉଠେ ଯେ ସତରେ ବାବା କ'ଣ ଏବେ ବି ସ୍ୱୟଂ ସକ୍ରିୟ ଓ ନିଜ ଭକ୍ତ ମାନଙ୍କୁ ସୁରକ୍ଷା ସହ ସେମାନଙ୍କ ଭାଗ୍ୟକୁ ନିୟନ୍ତ୍ରଣ କରୁଛନ୍ତି କି? କେହି କେହି କାକତାଳୀୟ ନ୍ୟାୟରେ ଏହାକୁ ଏକ ସଂଯୋଗ ଏବଂ ଆମେ ଏହାକୁ ନ ବୁଝିପାରି ଦିବ୍ୟ ଲୀଳା ଭାବି ଆତ୍ମ ସନ୍ତୋଷ ପାଉଛେ କି? ସତରେ ଶିରିଡ଼ି ସାଇନାଥ କ'ଣ ସର୍ବବ୍ୟାପୀ, ସର୍ବଜ୍ଞାତା ଏବଂ ସର୍ବଶକ୍ତିମାନ? ବାବାଙ୍କର ଭକ୍ତମାନେ କୁହନ୍ତି ଏହି ପ୍ରଶ୍ନର ଉତ୍ତର ଅତି ସହଜ। କାରଣ ବାବା ଏବେ ମଧ୍ୟ ଜୀବିତ ରହି ତାଙ୍କର ଲୀଳା କରିଚାଲିଛନ୍ତି। କାରଣ ସେ ହେଉଛନ୍ତି ପରମବ୍ରହ୍ମ ଯାହାଙ୍କର ବିନାଶ ନାହିଁ। ସେ ସଗୁଣ ହୋଇ ଯେଉଁ ଶରୀର ଗ୍ରହଣ କରିଥିଲେ ତାହା ୧୯୧୮ ମସିହା ଅକ୍ଟୋବର ୧୫ ତାରିଖରେ ସମାଧି ନେଇଛି। କାରଣ ଶରୀରର ସୃଷ୍ଟି ହୋଇଥିଲା ଏବଂ ଯାହାର ସୃଷ୍ଟି ଅଛି ତାହାର ବିନାଶ ନିଶ୍ଚିତ। ବାବାଙ୍କ ଶରୀରର ବା ଏହି ଚିରନ୍ତନ ପ୍ରକ୍ରିୟାରୁ କିପରି ବାଦ ପଡ଼ିବ? ବାବା ଏବେ କେବଳ ସକ୍ରିୟ ନାହାଁନ୍ତି, ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରୁଛନ୍ତି। ଆମେ ସମସ୍ତେ ଜାଣିଛେ ଯେ ସିଦ୍ଧ ପୁରୁଷଙ୍କର ମୃତ୍ୟୁ ନାହିଁ। ତେଣୁ ବାବାଙ୍କର ମୃତ୍ୟୁର ପ୍ରଶ୍ନ ଉଠୁନାହିଁ। କାରଣ ସେ ତ ଅବତାରୀ ପୁରୁଷ ଥିଲେ। ନିଜର ଭକ୍ତମାନଙ୍କ ମଧ୍ୟରେ ଶ୍ରଦ୍ଧା ଭାତୃତ୍ୱ ଏବଂ ସମାନତାର ବାର୍ତ୍ତା ପ୍ରଚାର କରିବା ନିମନ୍ତେ ସେ ମାନବ ଶରୀର ଧାରଣ କରିଥିଲେ। ତାଙ୍କ ଦରବାରରେ ରାଜା ଏବଂ ରଙ୍କ ସମାନ ଥିଲେ। ସମସ୍ତଙ୍କର ସମାନ ଅଧିକାର ସେଠାରେ ଥିଲା ଏବଂ ସମସ୍ତଙ୍କ ପ୍ରତି ବାବାଙ୍କର ସମାନ ଦୃଷ୍ଟିଭଙ୍ଗୀ ମଧ୍ୟ ରହୁଥିଲା। ବାବାଙ୍କ ପାଖରେ ଏକାଠି ହେଉଥିବା ଭକ୍ତମାନେ ବିଭିନ୍ନ ପନ୍ଥାର ଥିଲେ। ସେଥିପ୍ରତି ପ୍ରାଧାନ୍ୟ ନଦେଇ ସମସ୍ତଙ୍କର କିପରି କଲ୍ୟାଣ ହୋଇପାରିବ ତାହା ଉପରେ ବାବା ପ୍ରାଧାନ୍ୟ ଦେଉଥିଲେ। ତେଣୁ ଭକ୍ତମାନଙ୍କର ତାଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା। ସମସ୍ତଙ୍କ ଭାଗ୍ୟ ଉପରେ ତାଙ୍କର ନିୟନ୍ତ୍ରଣ ଥିଲା, ଯାହା ଏବେ ବି ରହିଛି। ଶିରିଡ଼ି ସାଇଙ୍କ ଶିକ୍ଷା ଓ ଦିବ୍ୟ ଉପସ୍ଥିତି ଆଜି ଅନେକଙ୍କ ଜୀବନକୁ ପ୍ରଭାବିତ କରି ଦୟା, ସମ୍ମାନ ଓ ସେବାର ମୂଲ୍ୟବୋଧକୁ ମାନବିକତାର ଶିକ୍ଷା ଦେଇ ଏକ ନୂତନ ଆଶା ଓ ସ୍ଥିରତାର ବିକାଶ ଦେଖାଇଛି। ଭଗବାନ ସବୁବେଳେ କହିଛନ୍ତି ମୋର ବାସସ୍ଥାନ ହେଉଛି ତୁମର ହୃଦୟ, ତୁମ ଭିତରେ ମୁଁ ରହିଛି। ତୁମ ହୃଦୟ ମଧ୍ୟରେ ମୁଁ ଥିବାରୁ ମତେ ଆଉ ବାହାରେ ଖୋଜିବାକୁ ପଡ଼ିବ ନାହିଁ। ମନ ମନ୍ଦିରରେ ମୋର ପୂଜା ତୁମେ ସହଜରେ କରିପାରିବ। ସମସ୍ତଙ୍କର ହୃଦୟରେ ମୁଁ ରହିଛି। ଏହା ଦ୍ୱାରା ବାବା ଆମକୁ ଜଣାଇଦେଲେ ଯେ ସେ ହେଉଛନ୍ତି ସର୍ବବ୍ୟାପୀ। ସାଇବାବାଙ୍କ ଦର୍ଶନ ପାଇଁ କି ଗରିବ କି ଧନୀ ସମସ୍ତେ ଶିରିଡ଼ି ଧାମରେ ପାଦ ପକାଇ ନିଜକୁ ଧନ୍ୟ ଭାବୁଛନ୍ତି। ସମସ୍ତେ ତାଙ୍କର ଦୟା ସାନ୍ତ୍ୱନା ଓ ଅଭୂତଶକ୍ତି ତଥା କୃପା ପ୍ରାପ୍ତ ହେଉଛନ୍ତି। ଶିରିଡ଼ି ସାଇଙ୍କ କଥାଟି ଆଲୋଚନା କଲାବେଳେ ଭକ୍ତ ଶ୍ରେଷ୍ଠ ନାରଦଙ୍କ କଥା ମନେପଡୁଛି। ଏକଦା ନାରଦ ଯେତେବେଳେ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଥିଲେ ଯେ 'ହେ ପ୍ରଭୁ ଆପଣଙ୍କୁ ଆମେ କେଉଁଠି ପାଇବୁ?' ଏହାର ଉତ୍ତର ଦେଇ ପ୍ରଭୁ କହିଥିଲେ, 'ହେ ନାରଦ ମୁଁ ମନ୍ଦିରରେ ନଥାଏ କିମ୍ବା ଭୋଜିରେ ନଥାଏ। ମୁଁ ସବୁବେଳେ ଭକ୍ତର ହୃଦୟରେ ଥାଏ। ଭକ୍ତର ହୃଦୟ ହେଉଛି ମୋର ବୈକୁଣ୍ଠ।' ଠିକ ସେହିପରି ଶ୍ରୀ ସାଇଙ୍କର ଯେଉଁ ଅସୀମ ଶକ୍ତି ରହିଛି ତାହାରି ଦ୍ୱାରା ସେ ନିଜର ଲୀଳା କରିଚାଲିଛନ୍ତି। ବାବା କହିଛନ୍ତି ଯେଉଁମାନେ ମତେ ଭଲ ପାଆନ୍ତି ସେମାନଙ୍କ ଉପରେ ମୋର ଦୃଷ୍ଟି ସବୁବେଳେ ରହିଛି। ତୁମେ ଯିଏ ହୋଇଥିଲେ ବି ଏହା ମନେ ରଖ ଯେ ତୁମେ ଯାହା ସବୁ କରୁଛ ତାହା ମୁଁ ଜାଣୁଛି। ଯଦି ମତେ କେହି ଧ୍ୟାନ କରେ ଏବଂ ମୋର ନାମ ଜପ କରେ ଏବଂ ମୋର ଲୀଳାକୁ ସ୍ମରଣ କରୁଥାଏ ତେବେ ସେ ମୋ ଭିତରକୁ ଚାଲିଆସେ। ତାର କର୍ମକୁ ମୁଁ ଧ୍ୱଂସ କରିଦିଏ ଏବଂ ତାହା ପାଖରେ ମୁଁ ସବୁବେଳେ ରହିଥାଏ। ଶିରିଡ଼ିସାଇଙ୍କ ଅଭୂତ ଆଶୀର୍ବାଦ, କୃପାକଟାକ୍ଷ, ସକ୍ରିୟତା ଓ ଦିବ୍ୟଲୀଳା ସମ୍ପର୍କରେ ଅନେକ ଲୋକ ଏହାକୁ ସାମ୍ନା କରିଛନ୍ତି ଓ ଜୀବନ୍ତ ଅନୁଭୂତି ମଧ୍ୟ ପ୍ରାପ୍ତ ହୋଇଛନ୍ତି। ତାଙ୍କର ଶ୍ରଦ୍ଧା ଓ ସବୁରିର ଅମୋଘ ଦିବ୍ୟବାଣୀ ଅତୁଟ ଆଧ୍ୟାତ୍ମିକ ମାର୍ଗ ସୃଷ୍ଟି କରେ। ବାବାଙ୍କ ଅନେକ ଶିକ୍ଷା ଲୋକମାନଙ୍କୁ ସମାଜରେ ଦୟା, ମାନବିକତା, ଭଲପାଇବା ଓ ସେବା ପରାୟଣତା ଶିକ୍ଷା ଦେଇଥାଏ। ବାସ୍ତବରେ ଶିରିଡ଼ିସାଇ ଆମ ଅନନ୍ୟ ଆଧ୍ୟାତ୍ମିକ ଜୀବନ ପ୍ରତୀକ କହିଲେ ଅତ୍ୟୁକ୍ତି ହେବନାହିଁ। ଯିଏ ବର୍ତ୍ତମାନରେ ଆମମାନଙ୍କୁ ଦୟା, ସମ୍ମାନ ଓ ସେବାର ମାର୍ଗକୁ ଅନୁସରଣ କରିବାର ଶିକ୍ଷା ପାଇଁ ପ୍ରେରଣା ପ୍ରଦାନ କରି ତାଙ୍କର ଦିବ୍ୟ ଉପସ୍ଥିତି ମାଧ୍ୟମରେ ଆମ୍ଭ ମାନଙ୍କ ଜୀବନକୁ ଧନ୍ୟ ଓ ପବିତ୍ର କରୁଛନ୍ତି। ସଂସାରରେ ମାନବିକ ମୂଲ୍ୟବୋଧ ଓ ମଣିଷ ପଣିଆର ଶିକ୍ଷା ଦେଇ ଲୋକମାନଙ୍କୁ ପ୍ରେମ ଓ ସେବା ପାଇଁ ଉତ୍ସାହ ଦେବା ସହ ସାମାଜିକ ସମସ୍ୟାକୁ ଦୂରୀଭୂତ କରୁଛନ୍ତି ଓ ଦୟାର ମୂଲ୍ୟବୋଧକୁ ପ୍ରଚାର କରିବାରେ ସକ୍ଷମ ହୋଇଛନ୍ତି। ସାଇବାବାଙ୍କ ଆଶୀର୍ବାଦ ସାଙ୍ଗରେ ଆମେ ଏକ ସାମାଜିକ ଓ ଆଧ୍ୟାତ୍ମିକ ସେତୁ ନିର୍ମାଣ କରିବାକୁ ସକ୍ଷମ ହୋଇପାରିବା। ଅନେକ ସମୟରେ ବାବା ଆମ ସମସ୍ତଙ୍କୁ ଅନେକ ଘଟଣାବଳୀ ଦ୍ୱାରା ସୂଚାଉ କରିଥାନ୍ତି ଯେ ସେ ସର୍ବଜ୍ଞାତା ଓ ସର୍ବବ୍ୟାପୀ ସର୍ବୋପରି ସେ ତାଙ୍କ ଭକ୍ତମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ପରିସ୍ଥିତି ଉପରେ ମଧ୍ୟ ବାବାଙ୍କର କିପରି ନିୟନ୍ତ୍ରଣ ରହିଛି ତାହାର ପ୍ରମାଣ ସେ ଅନେକ ଘଟଣାବଳୀ ଭିତରେ ଆମ୍ଭ ମାନଙ୍କୁ ସୂଚୀତ ମଧ୍ୟ କରିଥାନ୍ତି। ସତରେ ବାବାଙ୍କର ଲୀଳାର ସୀମା ନାହିଁ, ତାହା ଅପାର। ଓଁ ଶ୍ରୀ ସାଇ।

କୁଣ୍ଡି, କୁମୁଡ଼ା, ଜୟପୁର, କଟକ,
ଦୂରଭାଷ : ୯୧୧୪୧୪୧୩୦୦

# ଅଖିଳ ବ୍ରହ୍ମାଣ୍ଡପତି ଆହେ ଦୀନବନ୍ଧୁ...

'ଅଖିଳ ବ୍ରହ୍ମାଣ୍ଡପତି ଆହେ ଦୀନବନ୍ଧୁ, ପତିତଜନପାବନ ଆହେ ଜଗବନ୍ଧୁ, ଆଦ୍ୟମାର୍ଗଶିର ମାସର ଶୀତ, ଶ୍ରୀକୃଷ୍ଣ ଜାଣନ୍ତି ରାଧିକା ଚିତ୍ତ, ଦୁଃଖୀର ଜୀବନ ଦୁଃଖସଙ୍ଗାତ, କାହୁଁ ଆଣିଦେବି କମଳାକାନ୍ତ ମୋ କାହ୍ନୁରେ' ଏହି ବିଲକ୍ଷଣ କବିତାର ପ୍ରାଣସ୍ରଷ୍ଟା ଥିଲେ ପଞ୍ଚସଖା ଅଚ୍ୟୁତାନନ୍ଦ । ଷୋଡ଼ଶ ଶତାବ୍ଦୀର ଓଡ଼ିଶା ତା'ର କଳା, ସାହିତ୍ୟ ଓ ସାଂସ୍କୃତିକ ସନନ୍ଦକୁ ପୂର୍ଣ୍ଣତ ଅନ୍ଧାରରୁ ଆଲୋକକୁ ଆଣିପାରିନାହିଁ କହିବା ଯଦିଓ ଅପ୍ରାସଙ୍ଗିକ ମନେହୁଏ, ତେବେ ଏହି ଶତାବ୍ଦୀଟି ଆମ ସାଂସ୍କୃତିକ ଜୀବନ ଧାରାର ଏକ ସନ୍ଧିକାଳ ଥିଲା । ଅଚ୍ୟୁତାନନ୍ଦ ଜଗନ୍ନାଥ, ବଳରାମ ଆଦି କୃତକର୍ମା ଆଧ୍ୟାତ୍ମିକ ସାହିତ୍ୟିକମାନଙ୍କ ଏହି ସନ୍ଧିକାଳରେ ଅଭ୍ୟୁଦୟ ଘଟିଥିଲା । ସାଧକଶିଳ୍ପୀ ଅଚ୍ୟୁତାନନ୍ଦ ଦାସ ଖ୍ରୀଷ୍ଟିୟ ଶୋଷଡ଼ ଶତାବ୍ଦୀର ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥ ତଥା ତାଙ୍କ ଅନ୍ତରଙ୍ଗ ସ୍ୱରୂପ ଏବଂ ନିଜ ଗୁରୁ ପରମ୍ପରା ସମ୍ବନ୍ଧରେ ନିଜସ୍ୱ ଗ୍ରନ୍ଥଗୁଡ଼ିକରେ ବହୁ ପ୍ରାମାଣିକ ତଥ୍ୟ ରଖିଯାଇଛନ୍ତି । କବି ଅଚ୍ୟୁତାନନ୍ଦ କ୍ଷତ୍ରିୟ ଗୋପିନାଥଙ୍କ ନାତି ଓ ଅଚ୍ୟୁତାନନ୍ଦ ଦୀନବନ୍ଧୁଙ୍କ କୋଳମଣ୍ଡନ କରିଥିଲେ । ତେବେ ତାଙ୍କ ପିତା ରାଜାଙ୍କର କରଣ କର୍ମ କରୁଥିବାରୁ କବି ଅଚ୍ୟୁତାନନ୍ଦ କରଣପୁତ୍ର ଭାବେ ବୋଲାଇଥିଲେ ବି ମାତ୍ର ସେ ପାଲଟିଯାଇଥିଲେ ଶୂଦ୍ର । ତାଙ୍କର 'ବର୍ଣ୍ଣ ସଂହିତା'ରେ ବର୍ଣ୍ଣନା ଅନୁଯାୟୀ 'ନାହିଁ ମୋହର ବିପ୍ରବର୍ଣ୍ଣେ ଆଶା, କ୍ଷତ୍ରିୟ ବଶ୍ୟରେ ନାହିଁ ଭରସା, ଶୂଦ୍ୟ ବର୍ଣ୍ଣରେ ସେବାପ୍ରାପ୍ତ ହୋଇଏ, ଅହଂକାର ନାହିଁ ଶୂଦ୍ରର ଦେହେ' । ତାଙ୍କ ପିତାମହଙ୍କ ଦେହାନ୍ତ ପରେ ଅଚ୍ୟୁତଙ୍କ ପିତା ଦୀନବନ୍ଧୁ ମହାରାଜା ପ୍ରତାପରୁଦ୍ରଙ୍କ କୃପାଲାଭ କଲାବେଳକୁ ତାଙ୍କ ପରିବାର ଦାରିଦ୍ର୍ୟ ନିପୀଡ଼ିତ ହୋଇସାରିଥିଲେ । ତାଙ୍କର 'ଶୂନ୍ୟ ସଂହିତା' (୧୮୦୦ ଅଧ୍ୟାୟର) ତଥ୍ୟ ଅନୁଯାୟୀ ସେ ନିଜ ବାଲ୍ୟ ଜୀବନର ଉଲ୍ଲେଖ କରିଛନ୍ତି 'ତିଳ କଣାରେ ମୁଁ ଜନମ ଲଭିଲି, କେହି ନ ଚିହ୍ନିଲେ ମୋରେ, ଅଗଣିତ ବୋଲି ମାତା ଡାକୁଥାନ୍ତି, ଅନ୍ନ ନ ମିଳଇ ଘରେ' ।

ବୈଷ୍ଣବୀୟ ନମ୍ରତା ବା ଦାସ୍ୟଭାବର ମୂର୍ତ୍ତିମନ୍ତ ପ୍ରତୀକ ଦୀନ ଅଚ୍ୟୁତ ଏକ ରାଜବଂଶରେ ପାଣିଗ୍ରହଣ କରିଥିଲେ । ବୈଷ୍ଣବ କବି ଯଶୋବନ୍ତ ଦାସଙ୍କ ପରିବାରରେ ବୈବାହିକ ସମ୍ପର୍କ କାଳକ୍ରମେ ଯୋଡ଼ି ହୋଇଥିଲା । ସଂସାରବିରାଗୀ ଅଚ୍ୟୁତାନନ୍ଦଙ୍କୁ ସଂସାରୀ ହେବାକୁ ଯଶୋବନ୍ତ ହିଁ ପ୍ରବର୍ତ୍ତାଇଥିଲେ । ତାଙ୍କ 'ଯୁଗାବ୍ଧି ଗୀତା' ଭାଷାରେ "ବଇରାଗ ଭାବେ କିଛି ଦିନ ଗଲା, ଅନ୍ତର୍ଯ୍ୟାମୀ ନାଥ କରୁଣା ହେଲା, ଅଙ୍ଗଙ୍ଗ ବିଶେ ଭୂପତିର ଝିଅ, ମତେ ସମର୍ପିଲା ଅତି ସେନେହ" । କାଳକ୍ରମେ ଦାରିଦ୍ର୍ୟ ନିପୀଡ଼ିତ ଅଚ୍ୟୁତାନନ୍ଦ ପତିତ ଜନତାର ସାଂସ୍କୃତିକ ତଥା ଧାର୍ମିକ ଚିତ୍ତବତ୍ତିର ପ୍ରତିନିଧି ହୋଇ ପାଲଟିଥିଲେ ମହାପୁରୁଷ ସିଦ୍ଧମୁନି । ନୀଳାଚଳ ଧାମର ଜାତିବର୍ଣ୍ଣହୀନ ଧାର୍ମିକ ସମାଜର ଆତ୍ମିକ ବୈଶିଷ୍ଟ୍ୟ ହିଁ ପଞ୍ଚସଖାଙ୍କୁ ଅନୁପ୍ରାଣିତ କରିଥିଲା । ଷୋଡ଼ଶ ଶତାବ୍ଦୀର ପ୍ରଥମ ପାଦରେ ଏମାନେ ସାହିତ୍ୟ କ୍ଷେତ୍ରରେ ଯଶସ୍ୱୀ ପଦାଙ୍କ ଅଙ୍କନ କଲାପରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଓଡ଼ିଶାରେ ଆବିର୍ଭାବ ଘଟି ସାରିଥିଲା । ଶୂନ୍ୟ ସଂହିତାର ବର୍ଣ୍ଣନା ଅନୁଯାୟୀ 'ଆମ୍ଭର ଆତ୍ମା ତୁମ୍ଭେ ପାଞ୍ଚ ଜଣ, ତେଣୁ ତୁମ୍ଭ ଆଗେ କହିଲୁ ପୁଣ, ଆମ୍ଭେ ପାଞ୍ଚଶାଖା ରହି ନିଷ୍ଠଳେ, ଧାୟିଲୁ ତାଙ୍କ ଚରଣକମଳେ' । ବାସ୍ତବିକ୍ ଧାର୍ମିକ ଚିଣ୍ଟବୃତ୍ତି ଓ ଉତ୍କଳୀୟ ଭାବଧାରାରେ ଏମାନେ ଅଭିନ୍ନ ହେଲେ ବି



ମୋହନ କୁମାର ଭଞ୍ଜ

ନିଜ ନିଜ ଭିତରେ ସ୍ୱତନ୍ତ୍ରତା ପ୍ରକାଶ କରିଛନ୍ତି । ଚୈତନ୍ୟଙ୍କ ପାଣ୍ଡିତ୍ୟ ତାଙ୍କୁ ମୁଗ୍ଧ କରିବାରୁ ଅଚ୍ୟୁତାନନ୍ଦ ତାଙ୍କ ଶିଷ୍ୟତ୍ୱ ସ୍ୱୀକାର କରିଥିଲେ । ସେ ଭବିଷ୍ୟତ ମାଳିକା ରଚନା କରି ତାଙ୍କ ଦିବ୍ୟଦୃଷ୍ଟିରେ ଦେଖିଥିବା ଭବିଷ୍ୟତର ସମ୍ଭାବ୍ୟ ଘଟଣା ଓ ଘୋର କଳି ପରେ ସତ୍ୟ ଆଗମନର ଆଶ୍ୱାସନାମୟ ବାର୍ତ୍ତା ପ୍ରଦାନ କରି 'ବରଣ ଚରିତ ଗୀତା'ରେ ଲେଖିଛନ୍ତି – "ସେବଣ ଠାବରୁ ତିନି ରାଜୁତି ଏ ମହୀ, କଳିକୁ ଯାଇ ସୁଖ ନ ରହିବ ମହୀ" । ସମଗ୍ର ବରଣଚରିତ ଗୀତାଟିର ଗୁରୁ ଅଚ୍ୟୁତାନନ୍ଦ ଓ ଶିଷ୍ୟ ରାମଚନ୍ଦ୍ର ଦାସଙ୍କ ବାର୍ତ୍ତାଳାପ ରୀତିରେ ରଚିତ ହୋଇଛି । ରାହାସ କୀର୍ତ୍ତନର ଆଦ୍ୟ ପୁରୋଧା ଅଚ୍ୟୁତାନନ୍ଦ ନିଜ ଭାଷାରେ ବର୍ଣ୍ଣନା କରିଛନ୍ତି "ବସନ୍ତ ରାହାସ ନୀଳା ଉତ୍ସବ କରିବା, ଗୋପାଳ ପୁଅଙ୍କୁ ଯେହ୍ନେ ବରଣ କରିବା । ଅଚ୍ୟୁତାନନ୍ଦଙ୍କ ରାସଗୁରୁ ଥିଲେ ଭାଗବତକାର ଜଗନ୍ନାଥ ଦାସ । ଅଚ୍ୟୁତାନନ୍ଦ ତାଙ୍କର ସଭାବସିଦ୍ଧ ଶୈଳୀରେ ନିଜ ବଂଶାନୁଚରିତ ଭବିଷ୍ୟତ ଭାରତର ସ୍ୱରୂପ, ଧାର୍ମିକ ତଥା ନୈତିକ ଜୀବନର ଅଧୋପତନଧର୍ମୀ ସୂଚନା ଆଧ୍ୟାତ୍ମିକମୟ ସାରସ୍ୱତ ଭାଷାରେ ବର୍ଣ୍ଣନା କରିଯାଇଛନ୍ତି । ସାମାଜିକ ସତର୍କବାଣୀ ଶୁଣାଇ ଭବିଷ୍ୟତପ୍ରତି ସଚେତନ ହେବାକୁ କହିଯାଇଛନ୍ତି । ତାଙ୍କ ଭିନ୍ନସ୍ୱାଦର ଦୀର୍ଘ କବିତା 'ନିଶି ଅବକାଶ' ବେଶ୍ ଲୋକପ୍ରିୟ । ଧର୍ମାଦର୍ଶ ଦୃଷ୍ଟିରୁ ଓ ମହାନ୍ ଭାବାବେଗର ଅମୃତ ଚିନ୍ତନ ଦୃଷ୍ଟିରୁ ଶହ ଶହ ବର୍ଷ ପରେ ଓଡ଼ିଶାର ପୁରପଲ୍ଲୀରେ ଜନସାଧାରଣ ଅଚ୍ୟୁତାନନ୍ଦଙ୍କ ରଚନାବଳିକୁ ଭାବବିହ୍ୱଳ କଣ୍ଠରେ ଆବୃତ୍ତି କରିଆସୁଛନ୍ତି ।

*କୋକମୁଣ୍ଡା, ଚାନ୍ଦଚେର, କେସିଙ୍ଗା, କଳାହାଣ୍ଡି,*
*ଦୂରଭାଷ : ୯୯୩୮୯୦୪୭୭୫*

# ବିଦ୍ୟା ଓ ବାଣୀର ଦେବୀ : ବାଗ୍‌ଦେବୀ

ବସନ୍ତ ପଞ୍ଚମୀ ମା' ସରସ୍ୱତୀଙ୍କ ପ୍ରକଟ ହେବା ଦିବସ। ଦେବୀ ସରସ୍ୱତୀ ମନୁଷ୍ୟକୁ ଜ୍ଞାନର ପ୍ରକାଶ ଦିଗରେ ନେଇ ଯାଆନ୍ତି। ସେ ବାଣୀର ଦେବୀ ହୋଇଥିବାରୁ ତାଙ୍କୁ ବାଗ୍‌ଦେବୀ କୁହାଯାଏ। ବାଣୀ ବା ଜିହ୍ୱାରୁ ବାହାରୁଥିବା ବାଣ, ଥରେ ବାହାରିଗଲେ ପୁଣି ଫେରି ଆସିନଥାଏ। ଏଣୁ ବାଣୀର ସଂଯମ ଏବଂ ସଦୁପଯୋଗ ହେବା ଆବଶ୍ୟକ। ଏହା ହିଁ ବାଗ୍‌ଦେବୀଙ୍କୁ ପ୍ରସନ୍ନ କରିବାର ମୂଳ ମନ୍ତ୍ର। ଯେତେବେଳେ ମନୁଷ୍ୟ ମୌନ ରହିଥାଏ, ସେ ସମୟରେ ବାଗ୍‌ଦେବୀ ଅନ୍ତରାତ୍ମାର ସ୍ୱର ହୋଇ ସତ୍‌ପ୍ରେରଣା ପ୍ରଦାନ କରିଥାନ୍ତି। ବାଗ୍‌ଦେବୀ ସରସ୍ୱତୀ ବାଣୀ, ବିଦ୍ୟା, ଜ୍ଞାନବିଜ୍ଞାନ ଏବଂ କଳାକୌଶଳର ଆଦିର ଅଧିଷ୍ଠାତ୍ରୀ ଦେବୀ। ସେ ମାନବ ଭିତରେ ଲୁଚି ରହିଥିବା ଚେତନା ଶକ୍ତିକୁ ଜାଗ୍ରତ କରି ଅଜ୍ଞାନର ଅନ୍ଧକାର ଦୂର କରିଥାନ୍ତି। ମନୁଷ୍ୟକୁ ଆଲୋକ ଆଡ଼କୁ ନେଇଯାଇଥାନ୍ତି। ବିଶ୍ୱର ସର୍ବାଧିକ ପ୍ରାଚୀନ ଗ୍ରନ୍ଥ ଋକ୍ ବେଦରେ ମାତା ସରସ୍ୱତୀଙ୍କ ଦୁଇଟି ରୂପ ବିଷୟରେ ବର୍ଣ୍ଣନା କରାଯାଇଛି। ପ୍ରଥମେ ବାଗ୍‌ଦେବୀ ଏବଂ ଦ୍ୱିତୀୟରେ ସରସ୍ୱତୀ। ତାଙ୍କୁ ବୁଦ୍ଧିସମ୍ପନ୍ନ, ପ୍ରେରଣାଦାୟିନୀ ଏବଂ ପ୍ରତିଭା ବିକାଶ ନିମନ୍ତେ ଶକ୍ତି ପ୍ରଦାନ କରୁଥିବା ଦେବୀଙ୍କ ରୂପରେ ବର୍ଣ୍ଣନା କରାଯାଇଛି। ଋକ୍ ବେଦର ସଂହିତା ସୁକ୍ତ ସଂଖ୍ୟା ୮/୧୦୦ରେ ବାଗ୍‌ଦେବୀଙ୍କ ମହିମା ବର୍ଣ୍ଣନା କରାଯାଇଛି। ବୃହଦାରଣ୍ୟକ ଉପନିଷଦରେ ରାଜା ଜନକ ମହର୍ଷି ଯାଜ୍ଞବଲକ୍ୟଙ୍କୁ ପଚାରୁଛନ୍ତି, ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଇଥାଏ, ଚନ୍ଦ୍ରମାର ଆଲୋକ ନଥାଏ ଏବଂ ଅଗ୍ନି ଲିଭିଯାଇଥାଏ, ସେତେବେଳେ କେଉଁ ବସ୍ତୁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ? ଏହାର



ଶରତ କୁମାର ସାହୁ

ଉତ୍ତରରେ ଋଷି କହୁଛନ୍ତି – ଏହି ସମୟରେ ବାକ୍ ଶକ୍ତି ହିଁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ। ମନୁଷ୍ୟ ପାଇଁ ପରମ ଉପଯୋଗୀ ମାର୍ଗ ଦେଖାଉଥିବା ଦେବୀ ହେଉଛନ୍ତି ବାକ୍‌ର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀ। ଛାନ୍ଦୋଗ୍ୟ ଉପନିଷଦରେ ଥିବା ବର୍ଣ୍ଣନା ଅନୁଯାୟୀ, ଯଦି ବାଣୀର ଅସ୍ତିତ୍ୱ ନଥାନ୍ତା, ତାହାଲେ ଭଲ ଏବଂ ମନ୍ଦ, ସତ୍ୟ ଓ ମିଥ୍ୟା, ସହୃଦୟତା ଏବଂ ନିଷ୍ଠୁରତା ମଧ୍ୟରେ ପ୍ରଭେଦ ଜାଣି ହୁଅନ୍ତା ନାହିଁ। ଏଣୁ ବାଣୀର ଉପାସନା କରିବା ଉଚିତ। ଜ୍ଞାନର ଏକ ମାତ୍ର ଅଧିଷ୍ଠାନ ହେଉଛି ବାକ୍। ପ୍ରାଚୀନ କାଳରେ ବେଦ ଆଦି ସମସ୍ତ ଶାସ୍ତ୍ର କଣ୍ଠସ୍ଥ କରାଯାଉଥିଲା। ଆଚାର୍ଯ୍ୟଙ୍କ ବାଣୀ ଦ୍ୱାରା ଶିଷ୍ୟମାନେ ଶାସ୍ତ୍ରର ଜ୍ଞାନ ଲାଭ କରୁଥିଲେ। ଗୁରୁମନ୍ତ୍ର ମଧ୍ୟ ବାଣୀ ଦ୍ୱାରା ପ୍ରାପ୍ତି ହେଉଥିଲା। ବାଗ୍‌ଦେବୀ ମାତା ସରସ୍ୱତୀଙ୍କ ଉପାସନାର ପ୍ରାସଙ୍ଗିକତା ଆଧୁନିକ ଯୁଗରେ ମଧ୍ୟ ରହିଛି। ଦେବୀ ଭାଗବତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ବାଣୀର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀଙ୍କ ଆବିର୍ଭାବ ଶ୍ରୀକୃଷ୍ଣଙ୍କ ଜିହ୍ୱାରୁ ହୋଇଥିଲା। ପରମେଶ୍ୱରଙ୍କ ଜିହ୍ୱାରୁ ପ୍ରକଟ ହୋଇଥିବାରୁ ସେ ବାଗ୍‌ଦେବୀ ସରସ୍ୱତୀ ବୋଲାଇଲେ। ବୈଦିକ ଯୁଗର ବାଗ୍‌ଦେବୀ କାଳାନ୍ତରରେ ସରସ୍ୱତୀ ନାମରେ ପ୍ରସିଦ୍ଧ ହେଲେ। ଶାସ୍ତ୍ରରେ ମାଘ ଶୁକ୍ଳ ପକ୍ଷ ପଞ୍ଚମୀରେ ବାଗ୍‌ଦେବୀଙ୍କ ପ୍ରକଟ ହେବାର ଦିବସ ଭାବେ ବର୍ଣ୍ଣନା କରାଯାଇଛି। ଏହି କାରଣରୁ ବସନ୍ତ ପଞ୍ଚମୀ ଦିନ ବାଗୀଶ୍ୱରୀ ଜୟନ୍ତୀ ମଧ୍ୟ ପାଳିତ ହୋଇଥାଏ, ଏହା ସରସ୍ୱତୀ ପୂଜା ନାମରେ ମଧ୍ୟ ପ୍ରସିଦ୍ଧ। ବାଗ୍‌ଦେବୀଙ୍କ ଆରାଧନା ପଛରେ ଲୁଚି ରହିଥିବା ଆଧ୍ୟାତ୍ମିକ ବାର୍ତ୍ତା ହେଉଛି – ଆପଣ ଯାହାକିଛି କହୁଛନ୍ତି, ଭାବିଚିନ୍ତି କୁହନ୍ତୁ। କାରଣ ମଧୁର ବାଣୀ ମିତ୍ର ସୃଷ୍ଟି କରିଥାଏ ଏବଂ କଟୁ ବାଣୀ ଶତ୍ରୁ ସୃଷ୍ଟି କରେ।

*'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର,*
*ଦୂରଭାଷ : ୯୪୩୭୦୫୧୫୪୩*

# ଆଚ୍ଛାଦନ-ଆଚରଣ

କେତେକ ଲୋକ କହନ୍ତି – ମନୁଷ୍ୟ ତା'ର ପୋଷାକ ପରିଚ୍ଛଦରୁ ଜଣାପଡ଼େ ସେ କେତେ ସମ୍ମାନସ୍ପଦ : କିନ୍ତୁ ଆଚ୍ଛାଦନ ପ୍ରକୃତ ମଣିଷକୁ ଚିହ୍ନାଏ ନାହିଁ, ଆଚରଣ ହିଁ ମଣିଷର ପ୍ରକୃତ ସ୍ୱରୂପକୁ ଉନ୍ମୋଚନ କରେ । ଅବଶ୍ୟ ପୋଷାକର ମଧ୍ୟ ଗୁରୁତ୍ୱ ରହିଛି । ତେଣୁ କୁହାଯାଏ – 'ଭେକ ଥିଲେ ଭିକ ମିଳେ' । ବାହ୍ୟ ଆଚ୍ଛାଦନ ପୋଷାକ ହୋଇଥିବା ସ୍ଥଳେ ଅନ୍ତ ଆଚ୍ଛାଦନ ଆନ୍ତରିକତାପୂର୍ଣ୍ଣ ଆଚରଣ । ମନୁଷ୍ୟ ନିଜ ଆଚରଣରୁ ହିଁ ବାରି ହୋଇଯାଏ ସେ ସମସ୍ତଙ୍କର କେତେ ଆଦରଣୀୟ, ସ୍ନେହସ୍ପଦ ବା ନମସ୍ୟ । ସବୁବେଳେ ଯେଉଁ ପୋଷାକ ପିନ୍ଧିଲେ ମଧ୍ୟ ପରିଷ୍କାର, ପରିଚ୍ଛନ୍ନ ପୋଷାକ ପିନ୍ଧିବା ଉଚିତ, କାରଣ ତା'ର ମନ ଉପରେ ପ୍ରଭାବ ପଡ଼େ । ଅତିରିକ୍ତ ପୋଷାକ ପିନ୍ଧି, ଅତିମାତ୍ରାରେ ସଜେଇ ହେବା, ଅଳଙ୍କାର ମଣ୍ଡିତ ହେବା ଆଦୌ ସ୍ପୃହଣୀୟ ନୁହେଁ । ଯେତିକି ସରଳ, ସ୍ୱଚ୍ଛ, ନିର୍ମଳ ଓ ସାଧାସିଧା ପୋଷାକ ପରିଚ୍ଛଦ ହେବ, ବ୍ୟକ୍ତିର ବ୍ୟକ୍ତିତ୍ୱ ସେତିକି ଅଧିକ ପୋଷାକ ଭିତରୁ ଝଟକି ଉଠିବ । ଭଲ ବ୍ୟବହାର ହେଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ଆକର୍ଷିତ ହୋଇଥାଏ । ଜଣେ



ଅପର୍ଣ୍ଣା ନାୟକ

ଦେଖିବାକୁ ସୁନ୍ଦର ହୋଇନପାରେ; କିନ୍ତୁ ତା'ର ଆଚରଣ ଓ ବ୍ୟବହାର ଭଲ ହେଲେ ସେ ଅନ୍ୟକୁ ଅନାୟାସରେ ଆକୃଷ୍ଟ କରିପାରେ । ରୂପର ଅଭାବକୁ ସୁନ୍ଦର, ସ୍ୱଚ୍ଛ, ଆନ୍ତରିକତାପୂର୍ଣ୍ଣ ବ୍ୟବହାର ପୂରଣ କରିଦିଏ, କାରଣ ଭଲ ବ୍ୟବହାର କରିବା ଅଭ୍ୟାସରେ ପଡ଼ିଗଲେ ମନୁଷ୍ୟ ଅନ୍ୟକୁ ଆଘାତ ଦେବାକୁ ଚେଷ୍ଟା କରେନାହିଁ: ଓ ତା'ର ଅନ୍ତର୍ନିହିତ ସଦ୍‌ଗୁଣଗୁଡ଼ିକ ସହଜ ଭାବରେ ବ୍ୟବହାର ମଧ୍ୟରେ ପ୍ରସ୍ଫୁଟିତ ହୋଇଯାଏ ଓ ସୁରଭି ବିତରଣ କରି ପରିବେଶକୁ ମଧୁମୟ କରିପାରେ । ସେତେବେଳେ ସେ କେଉଁ ପୋଷାକ ପିନ୍ଧିଛି ତାହା ନଜରକୁ ଆସେନାହିଁ ।

ଅତି ଦାମିକା, ଝଲମଲ ହେଉଥିବା ପୋଷାକ ପିନ୍ଧିଥିବା ବ୍ୟକ୍ତିଠାରୁ ଆନ୍ତରିକତା ପୂର୍ଣ୍ଣ ବ୍ୟବହାର ଓ ସାରଲ୍ୟ ଥିବା ବ୍ୟକ୍ତି ସହଜରେ ପାଖ ପଡ଼ୋଶୀମାନଙ୍କୁ ଆକୃଷ୍ଟ କରିପାରନ୍ତି । କାରଣ ଆନ୍ତରିକତାର ଏକ ନିଆରା ମହତ୍ତ୍ୱ ଅଛି, ବାସ୍ନା ଅଛି, ଯାହା ପାଠଶାଠ ନପଢ଼ିଥିବା ବ୍ୟକ୍ତି ବାରି ନିଏ, ଚିହ୍ନି ନିଏ, ସମ୍ପର୍କ ଗଢ଼ି ଉଠେ ଆପେ ଆପେ । ସେଭଳି ମଣିଷକୁ ଦେଖିଲା ମାତ୍ରେ ଓଠରେ ହସ ଫୁଟିଉଠେ, ମନ ପ୍ରସନ୍ନ ହୁଏ, ଲାଗେ ସତେ ଯେମିତି ସେ ଖୁବ୍ ଆପରାର, ବହୁଦିନରୁ ପରିଚିତ ମଣିଷଟିଏ । ଆଚରଣ ହିଁ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ, ପୋଷାକ ନୁହେଁ । ମହାତ୍ମା ଗାନ୍ଧି ପ୍ରମାଣିତ କରି ଦେଇଥିଲେ ଯେ ପୋଷାକ ମଣିଷକୁ ତିଆରି କରେନା, ତ୍ରୁଟିକୁ ପୂରଣ କରି ଦେଇ ବ୍ୟକ୍ତିକୁ ଅଲଗା ମହତ୍ତ୍ୱରେ ପରିପ୍ଳୁତ କରିଦିଏ । ମହାତ୍ମା ଗାନ୍ଧି ଅତି ସାଧାରଣ ଖଦଡ଼ ଧୋତି ଖଣ୍ଡେ ପିନ୍ଧୁଥିଲେ; କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ, ମଣିଷପଣିଆ, ମହାତ୍ମ୍ୟ ବିଶ୍ୱକୁ ଚମତ୍କୃତ କରିଦେଇଛି । ଇଂରେଜ ଶାସକଙ୍କ ପାଖକୁ ଗଲାବେଳେ ସେ ସେହି ପୋଷାକ ପିନ୍ଧିଥିଲେ । ପ୍ରଚଳିତ ରୀତି ଅନୁସାରେ ଦ୍ୱାରପାଳ ତାଙ୍କୁ ଭିତରକୁ ଛାଡ଼ିଲା ନାହିଁ । ପେଣ୍ଟ, କୋଟ, ସୁଟ୍, ଟାଇ ପିନ୍ଧିଥିଲେ ସେ ଉତ୍ସବକୁ ଯାଇପାରିଥାନ୍ତେ । ମହାତ୍ମା ଗାନ୍ଧି ଘରକୁ ଫେରିଆସିଲେ ପେଣ୍ଟ, କୋଟ, ସୁଟ୍, ଟାଇକୁ ସୁନ୍ଦର ଭାବେ ସଜାଡ଼ି ଜଣେ ବ୍ୟକ୍ତି ହାତରେ ଲାଟଙ୍କ ପାଖକୁ ପଠାଇ ଦେଲେ । ପରେ ଯେତେବେଳେ ଲାଟ ଗାନ୍ଧିଙ୍କୁ ପଚାରିଲେ କାହିଁକି ସେ ନିଜେ ନଆସି ଏଭଳି ପୋଷାକ ପଠାଇଲେ, ସେତେବେଳେ ଗାନ୍ଧି ଉତ୍ତର ଦେଲେ ଆପଣ ମୋତେ ଭୋଜିସଭାକୁ ଡାକିଥିଲେ; କିନ୍ତୁ ମୁଁ ନିର୍ଦ୍ଧାରିତ ପୋଷାକ ପିନ୍ଧି ନଥିଲି ବୋଲି ମୋତେ ଭିତରକୁ ଯିବାକୁ ଅନୁମତି ଦିଆଗଲା ନାହିଁ, ତେଣୁ ମୁଁ ସେହି ନିର୍ଦ୍ଧାରିତ ପୋଷାକକୁ ମୋ ବଦଳରେ ପଠାଇ ଦେଲି । ଲାଟ୍ ସାହେବ ଲଜ୍ଜିତ ହେଲେ । ଗାନ୍ଧିଜୀଙ୍କୁ ଶ୍ରଦ୍ଧାର ସହ ସେହି ସରଳ ପୋଷାକରେ ଅତ୍ୟନ୍ତ ସମ୍ମାନ ଦେଇ ଭିତରକୁ ପାଛୋଟି ନେଲେ । ଲଣ୍ଡନ ଗଲାବେଳେ ମଧ୍ୟ ଗାନ୍ଧିଜୀ ସେହିଭଳି ସାଧାସିଧା ଲୁଗା ପିନ୍ଧୁଥିଲେ । ତାଙ୍କର ବ୍ୟକ୍ତିତ୍ୱ ଏତେ ମହାନ୍ ତାଙ୍କର ଆଦର୍ଶ ଏତେ ଉଚ୍ଚକୋଟୀର ଯେ ତାଙ୍କ ପାଇଁ କୌଣସି ପୋଷାକ ବା ବାହ୍ୟ ଆଡ଼ମ୍ବର ତିଳେମାତ୍ର ପ୍ରୟୋଜନ ନଥିଲା । ସେ ସର୍ବଶ୍ରେଷ୍ଠ ମହାନ୍ ମଣିଷ ଭାବରେ, ଅନ୍ତର୍ନିହିତ ଶୁଦ୍ଧ ଗୁଣାବଳୀରେ ବିଭୂଷିତ ଦେବୋପମ ବ୍ୟକ୍ତିତ୍ୱ । ଯଥାର୍ଥରେ ମହାତ୍ମା ପଦବାଚ୍ୟ । ବାହ୍ୟ ଆଚ୍ଛାଦନ କେବଳ ନୁହେଁ, ବ୍ୟକ୍ତିର ଅନ୍ତର୍ନିହିତ ଗୁଣ, ମାନସିକତା, ଭଦ୍ରଜନୋଚିତ ବ୍ୟବହାର ଏବଂ ସ୍ନେହଶ୍ରଦ୍ଧା ଭରା ଆନ୍ତରିକତା ହିଁ ବ୍ୟକ୍ତିକୁ ଜନପ୍ରିୟ ଓ ସମ୍ମାନସ୍ପଦ କରାଇଥାଏ ।

*ସେକ୍ଟର-୧୦, ସିଡିଏ, କଟକ*




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୂତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୂତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟଭିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




**2024-2025**

**ADMISSION OPEN**

**Maharishi Public School, Baripada**

**STD-NURSERY TO VIII**

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada


## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା ‘ଭିଜନ’

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ ‘ଭିଜନ ୨୦/୨୦’ ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ ‘ଆତ୍ମନିର୍ଭର ଭାରତ’ ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶାକରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚ୍‌ସ୍ପତି ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁ ରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୁଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରାମପଂଚାୟତରେ ଥିବା ଶାଖା ଡାକଘର ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ୍ୟ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ୍ୟ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ୍ୟ ଦୀପତଳ ଅନ୍ଧାର ଭଳି ଲାଗୁଛି। ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି। କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ୍ୟ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍‌ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା। ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି।

# ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଞ୍ଚଳ ବାବଦରେ ସମୀକ୍ଷା କଲେ ସାଂସଦ

ବାଲେଶ୍ୱର (ପିଏନ୍)- ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟାପଣି ମାଡ଼ିଥିବା ଅଞ୍ଚଳକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗସ୍ତ କରିବା ପରେ ନିଜେ ଅନୁଭବ କରିଥିବା ବନ୍ୟା ପ୍ରପୀଡ଼ିତଙ୍କ ଅସୁବିଧାକୁ ବାଲେଶ୍ୱର ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲ୍ଲାପାଳଙ୍କୁ ତାଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଲୋକଙ୍କୁ କେମିତି ସୁଷମ ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ପିଇବା ପାଣି, ଗୋଖାଦ୍ୟ ସୂଚାରୁ ରୂପେ ବଣ୍ଟନ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଯେଉଁମାନଙ୍କର ଘର ବନ୍ୟାପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ରାଜନୀତି ପ୍ରିୟାପ୍ରୀତି ଉର୍ଦ୍ଧ୍ୱରେ ଯାଇ ଚିହ୍ନଟ କରିବା ପାଇଁ ଏବଂ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ରଖିଥିବା ବିଶେଷ କରି ରାସ୍ତା ପାଖରେ ଥିବା ନାଳକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିବା ଏବଂ ବେଆଇନ ଚିଙ୍ଗୁଡ଼ିଘେରୀ କରି ବର୍ଷାପାଣି ପ୍ରବାହରେ ବାଧା ଉତ୍ପନ୍ନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିବା ପରେ ଜିଲ୍ଲାପାଳ ତୁରନ୍ତ ଏ ସବୁର ସମାଧାନ କରିବେ ବୋଲି କହିବା ସହିତ ତାଙ୍କର ହ୍ୱାଟ୍‌ସଅପରେ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜୋନାଲ ମିଡ଼ିଆ ସଂଯୋଜକ ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ ବିବୃତିରେ ଲିଖିତ ଭାବେ ଜଣାଇଛନ୍ତି।

# ଚଳାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଳାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୁବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଳୀ ଦେବସ୍ମିତା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କସ୍ତୁରୀ ଚରଣ ନାୟକ, ବିଜୟ କୁମାର ବହଲି, ଇଂ ଲଡୁକିଶୋର ପଡିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ।

# ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି। ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି। ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ। ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ। ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ। ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି। ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି। ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି। ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୃଦୃଢ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ, ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା। ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ପୁପୁ ମହାପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ। ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ। ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା। ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।


### ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି। ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ , ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ। ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ।

# ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା। ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା। ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ୨୨୬/୨୨ରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ।

# ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ୩୫ ତମ ପିକକ୍ ଶିଶୁମେଳାର ଷଷ୍ଠ ସନ୍ଧ୍ୟା

ଭୁବନେଶ୍ୱର ,(ପି.ଏନ): ୩୫ତମ ପିକକ୍ ଶିଶୁମେଳା ର ଅଜିଥିଲା ଷଷ୍ଠ ସନ୍ଧ୍ୟା । ଆଜି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ବେବି ଅଫ୍ ଦ ଇୟର ପ୍ରତିଯୋଗୀତା । ଏଥିରେ ଡାକ୍ତର ପୁରୁଣିମା ପ୍ରଧାନ, ମନୋବିଜ୍ଞାନୀ ମଧୁମିତା ଦାସ, ଡାକ୍ତର ସୁଧୀର ଚ଼ନ୍ଦ୍ର ଦାସ, ବିଚ଼ାରକ ଭାବେ ଯୋଗଦେଇଥିଲେ । ଆଜିଥିଲା ଶିଶୁ ନାଟ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା । ଏହି ଉପଲକ୍ଷେ ବିଜେପି ବିଦ୍ୟାମନ୍ଦିର, ପାହାଳ ଓ ଗାଇଡାସ୍ ପବ୍ଲିକ ସ୍କୁଲର ପିଲାମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ "ଦୀପଶିକ୍ଷା" ଓ "କିଏ କାହାର" । ଏହାକୁ ଦର୍ଶକମଣ୍ଡଳୀ ମନଭରି ଉପଭୋଗ କରିଥିଲେ ।ଆଜି ସଂଧାରେ ଅତିଥି ମାନେ ଥିଲେ ଓଡିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଓଏଏସ (ଏସ ଏସ ),ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ଦେବାନନ୍ଦ ନାୟକ (ସୋନି), ଅବସରପ୍ରାପ୍ତ ଶ୍ରମ କମିଶନର ନିରଞ୍ଜନ ସାହୁ(ଆଇଏଏସ), ଏକଲବ୍ୟ ସ୍କୁଲର




ପୂର୍ବତନ ଅଧକ୍ଷାଚ଼ିତ୍ରଲେଖା ମହାନ୍ତି,ରୋଟାରିଆନ ଆର୍ଯ୍ୟା ପାଣିଗ୍ରାହୀ, ରୋଟାରୀ କ୍ଲବ ଭୁବନେଶ୍ୱର ୟୁନିକ ଓ ସି ଆର ଏସ ର ମନୋରଞ୍ଜନ ଦାସ। ଅତିଥିମାନେ ରାହିମସ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଶିଶୁ ନାଟ୍ୟ ଉତ୍ସବକୁ ସହଯୋଗ କରିଥିଲେକେନ୍ଦ୍ର ସରକାରଙ୍କର ସଂସ୍କୃତି ବିଭାଗ। ଅନ୍ୟ ମାନଙ୍କ ମଧ୍ୟରେ ପିକକ୍ ର ସମ୍ପାଦକ ରଞ୍ଜନ ମହାନ୍ତି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖଉପସ୍ଥିତ ଥିଲେ । ପିକକ୍ ର ରତ୍ନା ଦାଶ,ଜ୍ୟୋତିଶଙ୍କର ମହାନ୍ତି,ଅଞ୍ଜନା ଦାସ,ଉପମା ମହାନ୍ତି, ସୁମିତ୍ରା ମହାନ୍ତି,ପୂଜା ପଣ୍ଡା,ବିଷ୍ଣୁପ୍ରିୟା ମହାପାତ୍ର,ପାଣୁ ବେହେରା,ବାମଦେବ ଜେନା ପ୍ରମୁଖ କାର୍ଯ୍ୟକ୍ରମର ପରିଚ଼ାଳନା କରିଥିଲେ ।ଆଜି ସନ୍ଧ୍ୟାର କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେଆରୁଷି ଅଦ୍ୱିକା ଓ ହର୍ଷାଲି ଦୋରା।

# ଜବତ ହେଲା ମାଛ ଧରା ଟ୍ରଲର

ଅସ୍ତରଙ୍ଗ,(ପି.ଏନ): ଅସ୍ତରଙ୍ଗ ସମୁଦ୍ର ନିଷିଦ୍ଧାଞ୍ଚଳ ବର୍ତ୍ତମାନ ଅଲିଭି ରିଡେଲ କଇଁଚ଼ ଙ୍କ ସଙ୍ଗମ ଓ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହି ଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ତରଫରୁ ଯନ୍ତ୍ରଚ଼ାଳିତ ବୋଟ ଉପରେ ମାଛ ଧରିବା କଟକଣା ଜାରି କରାଯାଇଛି । ହେଲେ ଏହି କଟ କଣାକୁ ଖାତିର ନ କରି ଦେବୀ ନଦୀ ମୁହଁ ଠାରୁ ୨୦ କିଲୋମିଟର ଭିତରେ ଥିବା ନିଶିଧାଞ୍ଚଳ ରେ ମାଛ ମାରୁଥିବା ବେଳେ, ଟ୍ରଲର କୁ ଜବତ କରିଛି ମିଳିତ ବାହିନୀ । ମା'କାଳୀ ଟ୍ରଲର ପଞ୍ଜିକୃତ ନମ୍ବର ଓଘଡ ଢଜଢ୫,ଗଗ,୩୩୭ ।ଏଥିରେ ୬ ଜଣ କର୍ମଚ଼ାରୀ ଥିବା ବେଳେ ମାଛ ଓ ଚ଼ିଙ୍ଗୁଡ଼ି ମିଶି ୧.୫ କ୍ୱିଉଁଟାଲ ହେବ ବୋଲି ସୂଚ଼ନା ଦେଇଛି ବନ ବିଭାଗ। ଏହି ଚ଼ଢ଼ାଉରେ ଏ ପି ଆର , ସି ଟ୍ରଟଲ ସ୍କ୍ୱାଡ଼ ଓ ବନ ବିଭାଗ ର ଫରେଷ୍ଟର ମାନସ କୁମାର ବେହେରା, ଫରେଷ୍ଟର ବବୁଲୁ ମାଲିକ ଓ ଫରେଷ୍ଟର କାର୍ତିକ ମୁଣ୍ଡା ପ୍ରମୁଖ ସାମିଲି ହୋଇଥିଲେ ।ଟ୍ରଲରକୁ ଅସ୍ତରଙ୍ଗ ର ନୂଆଗଡ ମାଛଧରା ବନ୍ଦର କୁ ବନ ବିଭାଗ ଆଣିବା ପରେ, ଟ୍ରଲରକୁ ମତ୍ସ୍ୟ ବିଭାଗ ଓ ପରେ ସାମୁଦ୍ରିକ ଅସ୍ତରଙ୍ଗ ଙ୍କୁ ହସ୍ତାନ୍ତର କରା ଯାଇଥିବା ସୂଚ଼ନା ମିଳିଛି।



# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଙ୍ଗା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।

# ଓଡ଼ିଶାରେ ଥମୁନି ହାତୀ ମୃତ୍ୟୁ

ଗଜପତିଙ୍କ ରାଜ୍ୟ ଓଡ଼ିଶା ଏବେ ଗଜଶୂନ୍ୟ ହେବାକୁ ବସିଛି । ଶିମିଳିପାଳ, ସାତକୋଶିଆ, କେନ୍ଦୁଝରଠାରୁ ଆରମ୍ଭ କରି ଚ଼ନ୍ଦକା, ବାରପାହାଡ଼, କୁଲଡ଼ିହା, ରେଢ଼ାଖୋଲ ଆଦି ଘଞ୍ଚ ଜଙ୍ଗଲରେ ହାତୀଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀ ଥିଲା । ଜଙ୍ଗଲ କ୍ଷୟ, ଖାଦ୍ୟର ଅଭାବରୁ ହାତୀ ବଂଶ କମି କମି ଚ଼ାଲିଛି । ସାମ୍ପ୍ରତିକ ସମୟରେ ମୁଖ୍ୟ ସମସ୍ୟା ହେଲା ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ। ଗତ ଦଶ ବର୍ଷରେ ବିଦ୍ୟୁତ୍ ଆଘାତରେ ୧୪୨ ହାତୀଙ୍କ ଜୀବନ ଗଲାଣି। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ଚ଼ୁରମାଳ ଜଙ୍ଗଲ ବୁଢ଼ାତଇଲାଠାରେ ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଫାଶରେ ପଡ଼ି ୩ଟି ହାତୀଙ୍କ ମୃତ୍ୟୁ ଘଟିଛି। ଗତ କିଛି ମାସ ଭିତରେ ୧୩ ରୁ ୧୫ ହାତୀଙ୍କ ମୃତ୍ୟୁ ଘଟିଲାଣି। ଶିକାରୀଙ୍କ ଗୁଳି ଓ ତୀରମାଡ଼ରେ ମଧ୍ୟ ହାତୀଙ୍କ ଜୀବନ ଯାଉଛି । କଦଳୀ ଗଛରେ, ପାଚ଼ିଲା ପଣସରେ ବିଷ ଦେଇ ହାତୀଙ୍କୁ ମରାଯାଉଛି । ଟ୍ରେନ୍ ?, ଗାଡ଼ି ଧକ୍କା ଓ ବିଦ୍ୟୁତ୍ ? ଆଘାତରେ ବି ହାତୀ ମରୁଛନ୍ତି । ହାତୀଙ୍କ ମୃତ୍ୟୁହାର ବଢ଼ି ବଢ଼ି ଚ଼ାଲିଛି । ଏମିତି ଜାରି ରହିଲେ ଆଉ କିଛିବର୍ଷ ମଧ୍ୟରେ ଓଡ଼ିଶା ଜଙ୍ଗଲରୁ ହାତୀ ବଂଶ ଲୋପ ପାଇଯିବ। ଯାହାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚ଼ିନ୍ତା ପ୍ରକଟ କରିଛନ୍ତି। କେଉଁ ହାରରେ ହାତୀ ଜଙ୍ଗଲରୁ ନିର୍ମୂଳ ହେଉଛନ୍ତି ତାହା କହିବା ଅନୁମେୟ । କିନ୍ତୁ ଶିକାରୀମାନେ ବେଧଡ଼କ ଭାବେ ହାତୀକୁ ହତ୍ୟା କରୁଥିଲେ ବି ଜଙ୍ଗଲ ବିଭାଗ ଶୋଇଛି । ହାତୀ ସୁରକ୍ଷା ପାଇଁ ବର୍ଷକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ପାଟ୍ରୋଲିଂ ପାଇଁ ସ୍ୱତନ୍ତ୍ର ବନ କର୍ମଚ଼ାରୀ ଅଛନ୍ତି । ହାତୀ କରିଡ଼ର ଚ଼ିହ୍ନଟ ହୋଇଛି । ଏତେ ସବୁ ବ୍ୟବସ୍ଥା ଥାଇ ବି ବନ ବିଭାଗ ହାତୀ ମୃତ୍ୟୁ ରୋକିବାରେ ଫେଲ୍ ମାରୁଛି ।ରାଜ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ବିଶେଷ କରି



କମଳଲୋଚ଼ନ ପଣ୍ଡା

ହାତୀଦାନ୍ତ ମାଫିଆମାନେ ଶିକାରୀଙ୍କୁ ଲଗାଇ ଦନ୍ତା ହାତୀଙ୍କୁ ମାରି ଦାନ୍ତ କାଟି ନେଉଛନ୍ତି । ୨୦୨୦ ଅଗଷ୍ଟ ୩୧ରେ କେନ୍ଦୁଝର ୱାଇଲ୍ଡ ଲାଇଫ୍ ? ଡିଭିଜନ ହରିଚ଼ନ୍ଦନପୁର ସେକ୍ସନରୁ ୧୯ କିଲୋ ଓଜନର ୧୪ ହାତୀଦାନ୍ତ ଜବତ ହୋଇଥିଲା । ୨୦୨୦ ଅକ୍ଟୋବର ୯ରେ ଦେଓଗଡ଼ ଡିଭିଜନ ପାଲଲହଡ଼ାର ରେଞ୍ଜରୁ ୧୦କେଜି ଓଜନର ୨ଟି ଦାନ୍ତ, ୨୦୨୧ ଜାନୁଆରୀ ୧୩ରେ ସମ୍ବଲପୁର ଡିଭିଜନ ବରେଇପାଲିରୁ ୨ଟି ଦାନ୍ତ, ୨୦୨୧ ଫେବ୍ରୁଆରୀ ୧୨ ଯାଜପୁର ଡିଭିଜନ କବାଟବନ୍ଧରୁ ୨ଟି ଦାନ୍ତ, ଫେବ୍ରୁଆରୀ ୧୩ରେ କରଞ୍ଜିଆ ଡିଭିଜନରୁ ଗୋଟିଏ ହାତୀ ଦାନ୍ତ, ୨୦୨୧ ଫେବ୍ରୁଆରୀ ୨୪ରେ ବାରିପଦା ଡିଭିଜନ ଉଦଳାରୁ ୫ ଫୁଟ ଲମ୍ବର ୨ଟି ବଡ଼ ଦାନ୍ତ, ୨୦୨୧ ମାର୍ଚ୍ଚ ୨୬ରେ ଦେଓଗଡ଼ ଡିଭିଜନ ଖମାର ରେଞ୍ଜରୁ ୨ଟି ଦାନ୍ତ, ୨୦୨୧ ମାର୍ଚ୍ଚ ୨୬ରେ ସେହି ଖମାର ରେଞ୍ଜରୁ ୨ଟି ଦାନ୍ତ, ୨୦୨୧ ଏପ୍ରିଲ ୨୪ରେ ନୟାଗଡ଼ ଡିଭିଜନ ଗଣିଆରୁ ୨ଟି ଦାନ୍ତ, ୨୦୨୧ ଅଗଷ୍ଟ ୧୪ରେ ଦେଓଗଡ଼ ଡିଭିଜନରୁ ୨ଟି ଦାନ୍ତ, ୨୦୨୧ ସେପ୍ଟେମ୍ବର ୪ରେ ଭଦ୍ରକ ଅଗରପଡ଼ାରୁ ଗୋଟିଏ ଦାନ୍ତ, ଅକ୍ଟୋବର ୧୧ରେ ଦେଓଗଡ଼ରୁ ୨ଟି ଦାନ୍ତ , ୨୦୨୧ ଅକ୍ଟୋବର ୨୭ରେ ଅନୁଗୋଳ ଡିଭିଜନ ଜରପଡ଼ା ରେଞ୍ଜରୁ ଗୋଟିଏ ଦାନ୍ତ, ୨୦୨୧ ନଭେମ୍ବର ୮ରେ କେନ୍ଦୁଝର ଡିଭିଜନ ଲୁନାଗଡ଼ରୁ ୨ଟି ଦାନ୍ତ, ୨୦୨୧ ନଭେମ୍ବର ୧୩ରେ ବରଗଡ଼ ଡିଭିଜନରୁ ଗୋଟିଏ ବଡ଼ ହାତୀ ଦାନ୍ତ, ନଭେମ୍ବର ୧୮ରେ ଖରିଆର ଡିଭିଜନ ସିନାପାଲିରୁ ୨ଟି ଦାନ୍ତ, ଡିସେମ୍ବର ୭ରେ ବଲାଙ୍ଗୀର ଡିଭିଜନରୁ ଗୋଟିଏ ଦାନ୍ତ, ଡିସେମ୍ବର ୧୪ରେ ଆଠଗଡ଼ ଡିଭିଜନ ଖୁଣ୍ଟୁଣିରୁ ୨ଟି ବଡ଼ ଦାନ୍ତ, ୨୦୨୨ ଜାନୁଆରୀ ୬ରେ ଦେବଗଡ଼ ଡିଭିଜନରୁ ଗୋଟିଏ ଦାନ୍ତ, ଫେବ୍ରୁଆରୀ ୨୩ରେ ସୋନପୁର ଡିଭିଜନରୁ ୩ଟି ଦାନ୍ତ, ଫେବ୍ରୁଆରୀ ୨୬ରେ କେନ୍ଦୁଝର ସଦର ରେଞ୍ଜରୁ ୨ଟି ଦାନ୍ତ, ମେ' ୪ରେ ବଲାଙ୍ଗିର ଡିଭିଜନ ମଲପଡ଼ାରୁ ୩ଟି ଦାନ୍ତ, ମେ ୨୩ରେ ରାୟଗଡ଼ା ଗୁଡ଼ାରୀ ରେଞ୍ଜରୁ ୨ଟି ଦାନ୍ତ ଜବତ ହେଇଥିଲା । ଏହାତ ଥିଲା ୨୦୨୨ ମେ ମାସ ଯାଏଁ କିଛି ପରିସଂଖ୍ୟାନ। ଏବେ ୨୦୨୪ ନଭେମ୍ବର ମାସ, ଏହା ଭିତରେ ଅନେକ ହାତୀ ଦାନ୍ତ ମଧ୍ୟ ଜବତ ହେଇଛି। ଏଥିରୁ ହାତୀ ଶିକାରୀମାନେ କିଭଳି ସକ୍ରିୟ ଅଛନ୍ତି ତାହା ସ୍ପଷ୍ଟ ବାରି ହେଉଛି। ଶିକାରୀମାନେ ଜଙ୍ଗଲରେ ହାତୀମାରି ଦାନ୍ତ କାଟି ନେବା ପରେ ବିକ୍ରି କରିବାରେ କିଛି ସମସ୍ୟା ରହୁନାହିଁ। ହାତୀ ଦାନ୍ତ ବିଦେଶ ଚ଼ାଲାଣ ହେଉଛି । ରେଳ ଧକ୍କାରେ ମଧ୍ୟ ହାତୀଙ୍କ ଜୀବନ ଯାଉଛି । ରେଳ ଦୁର୍ଘଟଣାରେ ହାତୀ ମୃତ୍ୟୁ ଘଟିଲେ ବନବିଭାଗ କେବଳ ମାମଲା ରୁଜୁ କରି ବସୁଛି । କେବଳ ତଳିଆ କର୍ମଚ଼ାରୀଙ୍କୁ ନିଲମ୍ବନ କରି ବିଭାଗ ଚୁପ୍ ବସିପଡୁଛି । ଯେଉଁଭଳି ମାତ୍ରାରେ ହାତୀ ମୃତ୍ୟୁ ବଢ଼ି ଚ଼ାଲିଛି, ଆଉ କିଛି ବର୍ଷ ମଧ୍ୟରେ ଓଡ଼ିଶା ଜଙ୍ଗଲ ହସ୍ତୀ ଶୂନ୍ୟ ହେଇଯିବ ।ଓଡ଼ିଶାରେ ହାତୀ ମୃତ୍ୟୁହାର ଅନ୍ୟ ରାଜ୍ୟ ମାନଙ୍କ ଅପେକ୍ଷା ଅଧିକ । ଯେତିକି ହାତୀ ଓଡ଼ିଶାରେ ମରୁଛନ୍ତି ଏଭଳି ଭାବେ ହାତୀ ମୃତ୍ୟୁଗ୍ରାଫ୍ ? ବଢ଼ି ଚ଼ାଲିଲେ ଆଗାମୀ କିଛି ବର୍ଷ ଭିତରେ ଓଡ଼ିଶାରେ ହାତୀ ଆଉ ଦେଖିବାକୁ ମିଳିବେନି । କାହିଁକି ଓଡ଼ିଶାରେ ଏତେ ସଂଖ୍ୟାରେ ହାତୀଙ୍କର ମୃତ୍ୟୁ ହେଉଛି ତା'ର ଉତ୍ତର କାହା ପାଖରେ ନାହିଁ ।

ନୀଳଗିରି, ବାଲେଶ୍ୱର

ଦୂରଭାଷ : ୭୩୨୭୦୨୮୯୭୮

ପୂର୍ବ ତଟ ରେଳପଥ
[illegible] DRM/Engg/KUR/24-25/ E-Tender/80,ତା.12.11.2024ରିଖ
(1) [illegible] e-Tender-CENTKUR-232-2024,ତା.07.11.2024ରିଖ
[illegible] RDSO [illegible]
[illegible] 131.41 [illegible], EMD [illegible] : 2,15,700/-
(2) [illegible] e-Tender-CENTKUR-233-2024,ତା.07.11.2024ରିଖ
[illegible] (P.Way) [illegible] 455.50 [illegible] 498.76 [illegible] 30.09.2025 [illegible] P.Way [illegible] (Zonal) [illegible]
[illegible] 237.75 [illegible], EMD [illegible] : 2,68,900/-
(3) [illegible] e-Tender-NORTKUR-234-2024, ତା.08.11.2024ରିଖ
[illegible] VIB II [illegible] (60 [illegible])
[illegible] 204.31 [illegible], EMD [illegible] : 2,52,200/-
[illegible] 15[illegible]
[illegible] ତା.29.11.2024 [illegible] 1500 [illegible]
[illegible] http://www.ireps.gov.in [illegible]
[illegible]
PR-728/P/24-25

# ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,(ପି ଏନ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୮୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲ୍ୟୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Wednesday November 20 ଭୁବନେଶ୍ବର ବୁଧବାର, ନଭେମ୍ବର ୨୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କିସ୍ ଓ କିଟ୍‌ରେ ବଲିଉଡ୍ ଅଭିନେତା ଉତ୍କର୍ଷ ଶର୍ମା



ଭୁବନେଶ୍ବର,(ପି.ଏନ): ବଲିଉଡ୍ ଅଭିନେତା ଉତ୍କର୍ଷ ଶର୍ମା ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଫେରିଯାଇଛନ୍ତି। କିସ୍‌ର ୪୦ ହଜାର ପିଲାଙ୍କ ମଧ୍ୟରେ ତାଙ୍କ ଅଭିନୀତ ଚଳଚ୍ଚିତ୍ର ‘ବନବାସ’ର ପ୍ରଚାର ପାଇଁ ସେ ମୁମ୍ବାଇରୁ କିସ୍ ଆସିଥିଲେ। ଡିସେମ୍ବର ୨୦ରେ ମୁକ୍ତିଲାଭ କରିବ ‘ବନବାସ’। ଉତ୍କର୍ଷଙ୍କ ପିତା ତଥା ବିଶିଷ୍ଟ ବଲିଉଡ୍ ନିର୍ଦ୍ଦେଶକ ଓ ନିର୍ମାତା ଅନୀଲ ଶର୍ମା କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ବିଷୟରେ ଶୁଣିଥିଲେ। ତେଣୁ ସେ ମୁମ୍ବାଇ ଛାଡ଼ି କିସ୍ ପିଲାଙ୍କ ସହ ଚଳଚ୍ଚିତ୍ର ‘ବନବାସ’ର ପ୍ରଚାର ପାଇଁ ଉତ୍କର୍ଷଙ୍କୁ କିସ୍ ପଠାଇଥିଲେ। ଉତ୍କର୍ଷଙ୍କ ସହ ତାଙ୍କ ମାଆ ଓ ଭଉଣୀ ମଧ୍ୟ କିସ୍ ଆସିଥିଲେ। ଆଜି ସକାଳେ ସେମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଅପରାହ୍ନରେ କିଟ୍ ଓ କିସ୍ ପରିଦର୍ଶନ କରିବା ପରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ସହ ସମୟ ଅତିବାହିତ କରିଥିଲେ। କିସ୍ କ୍ୟାମ୍ପସ ଦେଖି ସେ ଅଭିଭୂତ ହୋଇ କହିଥିଲେ, ମୁଁ ଦେଶ ଓ ବିଦେଶର ଅନେକ ସ୍ଥାନ ବୁଲିଛି। କିନ୍ତୁ କିସ୍ ଭଳି ସ୍ଥାନ କେଉଁଠି ଦେଖିନାହିଁ। ଏଠାରେ ପିଲାଙ୍କ ରହିଥିବା ଭିତ୍ତିଭୂମି ବିଶ୍ବସ୍ତରୀୟ। କାରଣ ମୁଁ ମୁମ୍ବାଇ ଓ ଆମେରିକାରେ ପାଠ ପଢ଼ିଥିଲେ ମଧ୍ୟ ସେଠାରେ ଯେଉଁ ଭିତ୍ତିଭୂମି ରହିଛି ତାଠାରୁ ଏଠାରେ ଅତି ଉନ୍ନତ ଭିତ୍ତିଭୂମି ରହିଛି। ଏଠାରେ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ପ୍ରତିଭା ଓ ଦକ୍ଷତା ବିକାଶ ପାଇଁ ବିଶ୍ବସ୍ତରୀୟ ବ୍ୟବସ୍ଥା ରହିଛି। ଏହାର ସଦୁପଯୋଗ ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶ୍ରୀ ସାମନ୍ତଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ସେ କହିଲେ, ଦେଶର ଅନେକ ସମାଜ ପାଇଁ ଅନେକ କିଛି କରିଛନ୍ତି। କିନ୍ତୁ ଅଚ୍ୟୁତ ସାମନ୍ତ ଯାହା କରୁଛନ୍ତି ତାହା କଳ୍ପନାର ବାହାରେ। ଏଠାରେ ୪୦ ହଜାର ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଗବାନ ବିରାଜମାନ କରୁଥିବା ମୁଁ ଦେଖିପାରୁଛି। ସେମାନଙ୍କ ଶୁଭେଚ୍ଛା ଓ ଭଲ ପାଇବା ମୋତେ ଅଭିଭୂତ କରିଛି ବୋଲି ସେ କହିଥିଲେ। ପରେ ସେ କିଟ୍ ବିଶ୍ବବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ କିଛି ସମୟ ଅତିବାହିତ କରିଥିଲେ। ନିଜ ଚଳଚ୍ଚିତ୍ର ଉପରେ ସେ କହିଲେ, ଏହି ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ପାରିବାରିକ ଓ ମନୋରଞ୍ଜନଧର୍ମୀ। ସନ୍ତାନଙ୍କ ଲାଳନ ପାଳନ କରିବା ପିତାମାତଙ୍କ କର୍ମ ହୋଇଥିବା ବେଳେ ପିତାମାତାଙ୍କୁ ସମ୍ମାନ କରିବା ଓ ପରବର୍ତ୍ତୀ ସମୟରେ ସେମାନଙ୍କ ଯତ୍ନ ନେବା ହେଉଛି ପିଲାଙ୍କ ଧର୍ମ ବୋଲି ସେ କହିଥିଲେ।

## ସରକାରୀ ଜମିରେ ଜବରଦଖଲ ଉଚ୍ଛେଦ ବେଳେ ତହସିଲଦାରଙ୍କୁ ଘେରିଲେ ଗ୍ରାମବାସୀ





ଧାମନଗର ,(ପି.ଏନ): ଧାମନଗର-ଭଣ୍ଡାରିପୋଖରୀ ସୀମାରେ ଜବରଦଖଲ ଏବଂ ଦୋକାନ ଗୃହ ଓ ବାସଘର ନିର୍ମାଣକୁ ବିରୋଧ କରି ଅଭିଯୋଗ ହୋଇଥିଲା। ମଙ୍ଗଳବାର ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯାଇଛି। ଧାମନଗର ଅଞ୍ଚଳର କିଛି ବ୍ୟକ୍ତି ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ କୋରି ଗାଁ ପଞ୍ଚାୟତ ଷଠଗାଁ ମୌଜାରେ ଦୀର୍ଘଦିନ ଧରି ସରକାରୀ ଜମି ଜବରଦଖଲ କରିବା ସହିତ ସେଠାରେ ବାସଗୃହ ସାଙ୍ଗକୁ ବିଭିନ୍ନ ଦୋକାନ କରିଥିବା ବେଳେ ଭଣ୍ଡାରିପୋଖରୀ ତହସିଲଦାର ଓ ପୋଲିସ ଏବଂ ଦୁଇ ପ୍ଲାଟୁନ ଫୋର୍ସ ଉପସ୍ଥିତରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିଛି କଥାକୁ ନେଇ ଗ୍ରାମବାସୀ ଓ ମହିଳା ପାଟିତୁଣ୍ଡ କରିଥିବା ବେଳେ ଭଣ୍ଡାରିପୋଖରୀ ତହସିଲଦାରଙ୍କୁ ସ୍ଥାନୀୟ ବାସିନ୍ଦା ଓ ମହିଳା ମାନେ ଘେରିବା ସହ କିଛି ସମୟ ପାଇଁ ଅଟକ ରଖିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ତେବେ ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ସମସ୍ତ ଜବରଦଖଲ ଜମିରେ ନିର୍ମାଣ ହୋଇଥିବା ଦୋକାନ ଗୃହକୁ ଉଚ୍ଛେଦ କରାଯାଇଛି।

## ଜମୁଛି ପାରାଦୀପ କଳିଙ୍ଗ ବାଲିଯାତ୍ରା : ପଞ୍ଚମ ସନ୍ଧ୍ୟାରେ ଆଦିଦେବ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ତିଲକ ଓ ତ୍ରିଶାଙ୍କ ସଂଗୀତ ରେ ଝୁମିଲେ ଦର୍ଶକ




ପାରାଦୀପ,(ପି.ଏନ): ଆଠଦିନ ବ୍ୟାପି ଚାଲିଥିବା ପାରାଦୀପ କଳିଙ୍ଗ ବାଲିଯାତ୍ରା ର ପ୍ରତ୍ୟେକ ସନ୍ଧ୍ୟାରେ ନାମୀ ଦାମୀ କଳାକାର ମାନଙ୍କ ଦ୍ୱାରା ଉଚ୍ଚକୋଟି ର ସାଂସ୍କୃତିକ ଓ ସଂଗୀତ କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଛି । ତେବେ ପ୍ରଥମ ତିନିଦିନ ଏହି ମହୋତ୍ସବରେ ସେତେଟା ଗହଳି ନଥିବା ବେଳେ ଚତୁର୍ଥ ସନ୍ଧ୍ୟାରେ ରବିବାର ସାଙ୍ଗକୁ ଛାଡ଼ଖାଇ ଯୋଗୁଁ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା । ସେହିପରି ଏହି ମହୋତ୍ସବରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ସ୍ୱଳ୍ପ ସମୟରେ ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ ପରେ ଶେଷରେ ବଡ଼ କଳାକାର ମାନଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହି କ୍ରମରେ ମହୋତ୍ସବ ର ପଞ୍ଚମ ସନ୍ଧ୍ୟା ଅର୍ଥାତ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଆଦିଦେବ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପଶ୍ଚିମବଙ୍ଗ ର ନାମୀ କଣ୍ଠଶିଳ୍ପୀ ତିଲକ ଚକ୍ରବର୍ତ୍ତୀ ଓ ତ୍ରିଶା ଙ୍କ ମନଛୁଆଁ ସଂଗୀତ ପରିବେଷଣ ଉପସ୍ଥିତ ହଜାର ହଜାର ଦର୍ଶକ ଙ୍କ ମନ ଛୁଇଁ ପାରିଥିଲା । ତେବେ ଅନୁଷ୍ଠାନ କୁ ମାତ୍ର ଅଧଘଣ୍ଟା କାର୍ଯ୍ୟକ୍ରମ କରିବାକୁ ଅନୁମତି ମିଳିଥିବା ବେଳେ ଉପସ୍ଥିତ ଦର୍ଶକ ଙ୍କ ଅନୁରୋଧ କ୍ରମେ ଏହି କାର୍ଯ୍ୟକ୍ରମ ଆଉ କିଛି ସମୟ ଧରି ଚାଲିଥିଲା । ତେବେ ଏ କାର୍ଯ୍ୟକ୍ରମ ପାଇଁ କମିଟି ପକ୍ଷରୁ ସ୍ୱଳ୍ପ ପାରିଶ୍ରମିକ ମିଳୁଥିବା ବେଳେ ବାଲିଯାତ୍ରା ମହୋତ୍ସବ କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଦିଦେବ ଅନୁଷ୍ଠାନ ନିଜସ୍ୱ ଖର୍ଚ୍ଚରେ ଏପରି ନାମୀ ଦାମୀ କଳାକାର ମାନଙ୍କ ଦ୍ୱାରା ଆୟୋଜିତ ସଂଗୀତ କାର୍ଯ୍ୟକ୍ରମ କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯିବା ସହ ବାଲିଯାତ୍ରା ପାଇଁ ଏକ ଆଦର୍ଶ ସୃଷ୍ଟି କରିଥିବା ନେଇ ଚର୍ଚ୍ଚା ହେଉଛି। ଏହି ସମସ୍ତ କାର୍ଯ୍ୟକ୍ରମ କୁ ଆଦିଦେବ ଏଣ୍ଟରଟେନମେଣ୍ଟ ଅନୁଷ୍ଠାନ ର ଅଧକ୍ଷା ବନ୍ଦିତା ସୁଭଦର୍ଶିନୀ ପଟ୍ଟନାୟକ,ମୁଖ୍ୟ ଉପଦେଷ୍ଟା ଚନ୍ଦ୍ରକାନ୍ତ ସୁତାର, ବବ୍ରୁବାହନ ରାଉତ, ସଭାପତି ବିରଜା ପ୍ରସାଦ ତ୍ରିପାଠୀ,ରତ୍ନାକର ସ୍ୱାଇଁ, ସୁଧାଂଶୁ ନାୟକ, ପ୍ରଶାନ୍ତ ସ୍ୱାଇଁ, ଆଇନଜୀବୀ ରବିନ୍ଦ୍ର ଜେନା, ସନ୍ତୋଷ ଭାରତୀ,ସ୍ମୃତି ଚନ୍ଦନ ତ୍ରିପାଠୀ,ପ୍ରଭାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ମକା ମାଫିଆଙ୍କ ହାବୁଡ଼ରେ ସାହାଜଖୋଲ ଜଙ୍ଗଲ



ଧର୍ମଗଡ଼ ,(ପି.ଏନ):କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅଧୀନରେ ଥିବା ଖଲିଗଡ଼ଠାରୁ ଡୋକରୀଚଞ୍ଚରାକୁ ଲାଗି ରହିଛି ସାହାଜଖୋଲ ଜଙ୍ଗଲ ।ଏହି ଜଙ୍ଗଲ ଭିତରେ ବହୁ ଦିନ ଧରି ବସବାସ କରି ଆସୁଛନ୍ତି ଆଦିବାସୀ ଜାତିର ଲୋକେ। ଏହି ଆଦିବାସୀ ଲୋକଙ୍କୁ ମୋହରା ବନାଇ କେତେକ ଜମି ମାଫିଆ ପ୍ରଭାବ ଶାଳୀ ବ୍ୟକ୍ତି ଜଙ୍ଗଲ ଜମିକୁ ଅକ୍ତିଆର କରି ନେଇ ହେକ୍ଟର ହେକ୍ଟର ଜମିରେ ମକା ଚାଷ କରି ବହୁତ ଲାଭବାନ ହୋଇ ତାଙ୍କ ପକେଟ ଗରମ କରି ହାଏ ନିଶ୍ୱାସ ମାରୁଛନ୍ତି ।ସୂଚନା ମିଳେ ଯେ, ଏହି ଜଙ୍ଗଲ କଳାହାଣ୍ଡି ଦକ୍ଷିଣ ବନବିଭାଗ ଧର୍ମଗଡ ରେଞ୍ଜ ବେହେରା ଫରେଷ୍ଟର ଦାୟିତ୍ୱରେ ରହିଥିବା ସୂଚନା ମିଳେ ମିଳେ ।ହେଲେ ଦାୟିତ୍ୱରେ ଥିବା ବନବିଭାଗର କେତେକ କର୍ମଚାରୀ ଓ ମକା ମାଫିଆଙ୍କ ସଲାସୁତୁରା ଯୋଗୁଁ ଆଦିବାସୀ ଲୋକଙ୍କୁ ମୋହରା ବନାଇ ଜଙ୍ଗଲର ଗଛକୁ କାଟି ହେକ୍ଟର ହେକ୍ଟର ଜମିକୁ ନିଜ ଅକ୍ତିଆର କରି ନେଇଥିବା ଅଭିଯୋଗ ହେଉଛି ।ଏହି ଆଦିବାସୀ ଲୋକେ ଜଙ୍ଗଲ ଗଛକୁ ସଫାକରି ପ୍ରାୟ ୧୨ ହଜାରରୁ ଉର୍ଦ୍ଧ ହେକ୍ଟର ଜଙ୍ଗଲ ଥିବା ଜମିରେ ମକା ଚାଷ କରିଥିବା ପ୍ରକାଶ ପାଇଛି ।ମକା ଚାଷ କରୁଥିବା ମାଫିଆମାନେ ନିଜ ଲୋକ(ଆଦିବାସୀ)ଙ୍କୁ ନିଜ ଆୟତ୍ତରେ କରି ତାଙ୍କୁ ନିର୍ଦ୍ଦେଶ ଦେଇ ଜଙ୍ଗଲକୁ କାଟି ମକା ଚାଷ କରିବା ପାଇଁ ସାହସ ଦେଇ ଥାନ୍ତି ।ଏହି ଭାଗ ଚାଷରେ ମାଫିଆ ବେଶ କିଛି ଲାଭବାନ ଫାଇଦାରେ ରହିଛନ୍ତି ।ଆଦିବାସୀଙ୍କୁ ଅଠା ଲଗାଇ ମାଫିଆମାନେ ମାଲେମାଲ ହେଉଛନ୍ତି । ଏହା ଦେଖି ଜାଣି ଶୁଣି ବନବିଭାଗ ଚୁପ ରହିବା କେତେ ଯୁକ୍ତି ଯୁକ୍ତ ସହଜେ ଅନୁମାନରୁ ସନ୍ଦେହ ଉପୁଜିଛି । କଳାହାଣ୍ଡି ଜିଲ୍ଲାର ପଡୋଶୀ ଜିଲ୍ଲା ମଧ୍ୟରୁ, ନବରଙ୍ଗପୁର,ମୈଦଲପୁର, ପାପଡାହାଣ୍ଡି,ଝରିଗାଁ,ଚନ୍ଦାହାଣ୍ଡି, ଧର୍ମଗଡ ଅଞ୍ଚଳରୁ ବେହେରା, ଧର୍ମଗଡ,କୋକସରା, ଟେମରାର ପ୍ରଭାବଶାଳୀ ବ୍ୟକ୍ତି ବୋଲାଉଥିବା ମାଫିଆ ମାନେ ଏହି ଆଦିବାସୀ ମାନଂକୁ ମକା ବିହନ ଯୋଗାଇ ଚାଷ କରିବା ପାଇଁ ସେମାନଂକୁ ଉସୁକାଇ ଚାଷ କରିବାରେ ସହଯୋଗ କରୁଥିବା ଅଭିଯୋଗ ହେଉଛି। ପୂର୍ବ ? ସାହାଜ ଖୋଲ ଜଙ୍ଗଲ ଭରପୁର ଗଛରେ ଭରି ସବୁଜ ସୁନ୍ଦର ଦେଖା ଯାଉଥିଲା ।ଏବେ ଆଦିବାସୀମାନଙ୍କ କବ୍ଜାରେ ରହି ଆସିବାରୁ ଏମାନେ ବିଭିନ୍ନ ପ୍ରକାର ଚାଷ କାମ କରିବା ପାଇଁ ଜଙ୍ଗଲକୁ ପଦା କରି ଆସିବାରୁ ଟାଙ୍ଗରା ଦେଖା ଗଲାଣି ।ଏହି ଜଙ୍ଗଲରେ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ସହ ନାମୀଦାମୀ ବୃକ୍ଷ ଭରି ରହିଥିବା ବେଳେ ତାହା ଧୀରେ ଜଙ୍ଗଲ କଟା ଯାଉଥିବା ଯୋଗୁଁ ଲୋପ ପାଇବାରେ ଲାଗିଲାଣି । ଏବେ ମକା ଚାଷର ଅମଳ ହେଲାଣି, ହେଲେ ମାଫିଆମାନେ ପୂର୍ବରୁ ଏହି ଆଦିବାସୀମାନଂକୁ ମକା ବିହନ ଯୋଗାଇ ଥିବା ଓ ଚାଷ ସମୟରେ ଟଙ୍କା ଋଣ ଦେଇଥିବାର ଫାଇଦା ଉଠାଇ ସେମାନଙ୍କଠାରୁ କମ ଦରର ମକା କିଣି ମାଫିଆମାନେ ଚଢ଼ା ଦରରେ ବିକି ବେଶ ଟଙ୍କାର ମାଲିକ ସାଜିଛନ୍ତି ।ଏପଟେ ଭରପୁରରେ ଥିବା ଜଙ୍ଗଲ ପଦା ହୋଇ ପରିବେଶକୁ ସନ୍ତୁଳନ ଦେବାରେ ସମର୍ଥ ହୋଇପାରୁ ନାହିଁ ।ଯାହା ଫଳରେ ଖରା ଦିନ ତାପ ମାତ୍ରାରେ ବଢ଼ିବାରେ ଲାଗିଛି । ଏହି ଘଟଣା ବିଭିନ୍ନ ଖବର କାଗଜରେ ଦୈନିକ ପ୍ରକାଶିତ ହେଉଥିଲେ ମଧ୍ୟ ଟଙ୍କା ଲେନ ଦେନ ହିସାବ ଠିକ ଥିବାରୁ ଜଙ୍ଗଲ ବିଭାଗର କର୍ମଚାରୀଙ୍କ ଦୃଷ୍ଟି ଗୋଚର ହୋଇ ପାରୁ ନାହିଁ । ଯଦି ବି ଦୃଷ୍ଟି ପଡେ କାଁ ଭାଁ କିଛି ତଦାରଖ କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କ କାର୍ଯ୍ୟକଳାପ ଦେଖନ୍ତି ।ପରେ ଯେମିତି କୁ ସେମିତି ସ୍ଥିର ହୋଇଯାଏ ବୋଲି ଅଭିଯୋଗ ହେଉଛି ।ଏଣୁ ଜଙ୍ଗଲ ପଦା ହେବା ଆଗରୁ ବିଭିନ୍ନ ଖବର କାଗଜରେ ପ୍ରକାଶିତ ଖବରକୁ ଦୃଷ୍ଟିରେ ରଖି ଜଙ୍ଗଲ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ବେଆଇନ ମକା ଚାଷ କୁ ଓ ମାଫିଆ ମାନଂକୁ ଆୟତ୍ତ କରାଯାଇ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray